ଜାତୀୟ ଚେତନା
ଅଭିବ୍ୟକ୍ତିର ଶାଣିତ ସ୍ୱର
RNI Regd No: ODIODI/2017/74521
JATIYA CHETANA
ODIA WEEKLY

ବର୍ଷ-୧୦ ◆ ସଂଖ୍ୟା- ୦୨ ◆ ଭୁବନେଶ୍ୱର ◆ ସୋମବାର ◆ ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୦୬, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା
Volume-10 ◆ Issue-02 ◆ Bhubaneswar ◆ Monday ◆ August 31 to September 06, 2026 ◆ Page-8 ◆ Price Rs.4.00

## MMDR Amendment Act 2026

# ଖଣିଜ ସମ୍ପଦ ଓଡ଼ିଶାର, ଅଧିକାର କାହାର ?



ତପନ ବିହାରୀ ଭଞ୍ଜ
ସମ୍ପାଦକ

ଓଡ଼ିଶାର ମାଟି ତଳେ ଥିବା ଲୁହାପଥର, କୋଇଲା, ବକ୍ସାଇଟ୍, କ୍ରୋମାଇଟ୍ ଓ ଅନ୍ୟାନ୍ୟ ଖଣିଜ ସମ୍ପଦ କେବଳ ପ୍ରକୃତିର ଦାନ ନୁହେଁ; ଏହା ରାଜ୍ୟର ଅର୍ଥନୀତିର ଏକ ମୁଖ୍ୟ ଭିତ୍ତି। ଦଶନ୍ଧି ଦଶନ୍ଧି ଧରି ଏହି ସମ୍ପଦ ଦେଶର ଶିଳ୍ପାୟନକୁ ଇନ୍ଧନ ଯୋଗାଇଆସିଛି। ଏହା ବଦଳରେ ଓଡ଼ିଶା ପାଇଛି ରାଜସ୍ୱ, ଶିଳ୍ପ, ଚାକିରି ଓ ଭିତ୍ତିଭୂମି ବିକାଶର ସୁଯୋଗ। କିନ୍ତୁ ଏହା ସହିତ ଖଣି ଅଞ୍ଚଳର ଲୋକଙ୍କ ବିସ୍ଥାପନ, ପରିବେଶୀୟ କ୍ଷତି ଓ ପ୍ରାକୃତିକ ସମ୍ପଦର ଅପୂରଣୀୟ ହ୍ରାସର ମୂଲ୍ୟ ମଧ୍ୟ ଓଡ଼ିଶାକୁ ଦେବାକୁ ପଡ଼ିଛି।

ଏପରି ପରିପ୍ରେକ୍ଷୀରେ Mines and Minerals (Development and Regulation) Amendment Act, 2026 ଓଡ଼ିଶା ପାଇଁ ଏକ ସାଧାରଣ ଆଇନ ସଂଶୋଧନ ନୁହେଁ। ଏହା ରାଜ୍ୟର ଖଣିଜ ସମ୍ପଦ, ରାଜସ୍ୱ ଅଧିକାର ଓ ସଂଘୀୟ ଆର୍ଥିକ ସ୍ୱାୟତ୍ତତା ସହ ଗଭୀର ଭାବେ ଜଡ଼ିତ। ସେଥିପାଇଁ ପ୍ରଶ୍ନ ଉଠିବା ସ୍ୱାଭାବିକ- ଖଣିଜ ସମ୍ପଦ ଓଡ଼ିଶାର, ତାହାର ଆର୍ଥିକ ଅଧିକାର କେତେ ଓ କାହାର ?

୨୦୨୬ର ସଂଶୋଧନର ସବୁଠାରୁ ଚର୍ଚ୍ଚିତ ପ୍ରସଙ୍ଗ ହେଉଛି ନୂଆ ଧାରା 9D। ଏହାର ବ୍ୟବସ୍ଥା ଅନୁସାରେ, ରାଜ୍ୟ ସରକାର mineral rights କିମ୍ବା mineral-bearing land ଉପରେ ଖଣିଜର ପରିମାଣ, ମୂଲ୍ୟ, royalty କିମ୍ବା ସେହି ପ୍ରକାରର ଆଧାରରେ ନିଜସ୍ୱ tax, cess କିମ୍ବା ଅନ୍ୟ levy ଲଗାଇବାର କ୍ଷମତା ଉପରେ ନୂଆ ସୀମା ଆସିଛି।

ଅର୍ଥାତ୍, ବିଷୟଟି କେବଳ ଖଣି ଖନନ କିମ୍ବା ଲିଜ୍ ପରିଚାଳନାରେ ସୀମିତ ନୁହେଁ। ଏହା ରାଜ୍ୟର ନିଜସ୍ୱ ଆର୍ଥିକ ନୀତି ନିର୍ଦ୍ଧାରଣର ପରିସରକୁ ମଧ୍ୟ ସ୍ପର୍ଶ କରୁଛି।ଏଠାରେ ହିଁ ଓଡ଼ିଶାର ଚିନ୍ତାର ମୂଳ କାରଣ।

୨୦୨୪ର ରାୟ ପରେ ୨୦୨୬ର ସଂଶୋଧନରେ ଏହି ପ୍ରସଙ୍ଗକୁ ବୁଝିବା ପାଇଁ ୨୦୨୪ ମସିହାର ସୁପ୍ରିମକୋର୍ଟଙ୍କ ନଅ ଜଣିଆ ସମ୍ବିଧାନ ପୀଠର ଐତିହାସିକ ରାୟକୁ ମନେ ପକାଇବା ଆବଶ୍ୟକ। ରାଜ୍ୟମାନଙ୍କର mineral rights ଓ mineral-bearing land ଉପରେ tax ଲଗାଇବାର କ୍ଷମତା ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ଦୃଷ୍ଟିକୋଣ ଦେଇଥିଲେ।

ତାହା ପରେ ୨୦୨୬ର ସଂଶୋଧନ ଆସିବାରୁ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି- ସୁପ୍ରିମକୋର୍ଟ ଯେଉଁ ଆର୍ଥିକ ଅଧିକାରର ପରିସରକୁ ସ୍ୱୀକୃତି ଦେଇଥିଲେ, ନୂଆ ଆଇନ ତାହାକୁ କେତେଦୂର ସୀମିତ କରୁଛି ?

ଏହି ପ୍ରଶ୍ନର ଉତ୍ତର କେବଳ ଆଇନ ବିଶେଷଜ୍ଞଙ୍କ ପାଇଁ ନୁହେଁ। ଏହା ଭାରତୀୟ ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟର ଆର୍ଥିକ ଅଧିକାରର ସନ୍ତୁଳନ ସହ ଜଡ଼ିତ।

କେନ୍ଦ୍ରର ଯୁକ୍ତିକୁ ମଧ୍ୟ ବୁଝିବା ଦରକାର। ତେବେ ଏହି ବିତର୍କକୁ କେବଳ ରାଜ୍ୟ ବନାମ କେନ୍ଦ୍ର ଭାବରେ ଦେଖିବା ମଧ୍ୟ ଠିକ୍ ହେବ ନାହିଁ। କେନ୍ଦ୍ର ସରକାରଙ୍କ ଯୁକ୍ତି ହେଉଛି- ଖଣି କ୍ଷେତ୍ରରେ ଅତିରିକ୍ତ ଓ ଭିନ୍ନ ଭିନ୍ନ କ୍ଷରଙ୍ଗଞ୍ଚ ଲଗାଯିବା ଫଳରେ ନିବେଶକଙ୍କ ପାଇଁ ଅନିଶ୍ଚିତତା ସୃଷ୍ଟି ହୁଏ। ଏକ ସ୍ଥିର ଓ ପୂର୍ବାନୁମାନଯୋଗ୍ୟ fiscal regime ରହିଲେ ନୂଆ ନିବେଶ ଆସିବ, ଖଣିଜ ଉତ୍ପାଦନ ବଢ଼ିବ, ଶିଳ୍ପାୟନ ତ୍ୱରାନ୍ୱିତ ହେବ ଏବଂ ଶେଷରେ ରାଜ୍ୟଗୁଡ଼ିକ ମଧ୍ୟ ଅଧିକ ରାଜସ୍ୱ ପାଇପାରିବେ।

ଏହି ଯୁକ୍ତିରେ ଆର୍ଥିକ ଯୁକ୍ତି ନିଶ୍ଚିତ ଭାବେ ରହିଛି। କାରଣ ଖଣିଜ ଉତ୍ପାଦନ ବଢ଼ିଲେ royalty, auction premium, DMF ଓ GST ଭଳି ବିଭିନ୍ନ ଉତ୍ସରୁ ରାଜ୍ୟର ଆୟ ବଢ଼ିବାର ସୁଯୋଗ ରହିଛି। କେନ୍ଦ୍ର ସରକାର ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଏହି ସଂଶୋଧନ ରାଜ୍ୟଗୁଡ଼ିକର ଏହି ବର୍ତ୍ତମାନର ରାଜସ୍ୱ ବ୍ୟବସ୍ଥାକୁ ସମାପ୍ତ କରୁନାହିଁ।

କିନ୍ତୁ ଏଠି ଆଉ ଏକ ପ୍ରଶ୍ନ ଉଠେ- ବର୍ତ୍ତମାନର ରାଜସ୍ୱ ମିଳୁଛି ବୋଲି ଭବିଷ୍ୟତରେ ରାଜ୍ୟର ଅତିରିକ୍ତ ରାଜସ୍ୱ ସଂଗ୍ରହର ଅଧିକାର ମଧ୍ୟ ସୁରକ୍ଷିତ ରହିବ କି ?

ଓଡ଼ିଶାର ଅର୍ଥନୀତିରେ ପ୍ରଭାବ: ଓଡ଼ିଶା ଭଳି ଖଣିଜ ସମୃଦ୍ଧ ରାଜ୍ୟ ପାଇଁ ଏହି ପ୍ରଶ୍ନ ଅଧିକ ଗୁରୁତ୍ୱପୂର୍ଣ୍ଣ। ଖଣିଜ କ୍ଷେତ୍ରରୁ ଆସୁଥିବା ରାଜସ୍ୱ ରାଜ୍ୟର ବିକାଶମୂଳକ ଯୋଜନାରେ ଗୁରୁତ୍ୱ ବହନ କରେ। ଯଦି ରାଜ୍ୟ ନିଜ ଆର୍ଥିକ ଆବଶ୍ୟକତା, ଖଣି ଅଞ୍ଚଳର ବିକାଶ, ପରିବେଶ କ୍ଷତି, ପୁନର୍ବାସ ଓ ଭବିଷ୍ୟତ ପିଢ଼ିର ସ୍ୱାର୍ଥକୁ ଦୃଷ୍ଟିରେ ରଖି ନୂଆ ଆର୍ଥିକ ବ୍ୟବସ୍ଥା କରିବାର ସୁଯୋଗ ହରାଏ, ତେବେ ରାଜ୍ୟର fiscal flexibility ଉପରେ ତାହାର ପ୍ରଭାବ ପଡ଼ିପାରେ। ଏହା କେବଳ ରାଜସ୍ୱର ପ୍ରଶ୍ନ ନୁହେଁ। ଏହା ଭବିଷ୍ୟତ ବିକାଶ ଯୋଜନାର ସ୍ୱାଧୀନତାର ପ୍ରଶ୍ନ।

ଖଣି ବଢ଼ିବ, କିନ୍ତୁ ଓଡ଼ିଶା କେତେ ଲାଭ ପାଇବ ?

କେନ୍ଦ୍ରର ଯୁକ୍ତି ଅନୁସାରେ ଅଧିକ ନିବେଶ ଓ ଉତ୍ପାଦନ ହେଲେ ଓଡ଼ିଶା ମଧ୍ୟ ଲାଭବାନ ହେବ। ଏହା ଯୁକ୍ତିସଙ୍ଗତ। କିନ୍ତୁ ଖଣିଜ ସମ୍ପଦ ହେଉଛି ଅନବୀକରଣୀୟ ସମ୍ପଦ। ଆଜି ଯେଉଁ ଲୁହାପଥର, କୋଇଲା କିମ୍ବା ବକ୍ସାଇଟ୍ ? ମାଟି ତଳୁ ବାହାରିଗଲା, ତାହା ଆସନ୍ତା ପିଢ଼ି ପାଇଁ ପୁଣି ଫେରିବ ନାହିଁ।

ତେଣୁ କେବଳ 'କେତେ ଟନ୍ ? ଖଣିଜ ଉତ୍ପାଦନ ହେଲା' ତାହା ଦେଖିଲେ ହେବ ନାହିଁ।

ପ୍ରକୃତ ପ୍ରଶ୍ନ ହେଉଛି—

କେତେ ମୂଲ୍ୟ ଓଡ଼ିଶାରେ ସୃଷ୍ଟି ହେଲା ?

କେତେ ଚାକିରି ଓଡ଼ିଆ ଯୁବକ-ଯୁବତୀଙ୍କୁ ମିଳିଲା ?

କେତେ downstream industry ରାଜ୍ୟରେ ଗଢ଼ିଉଠିଲା ?

ଖଣି ଅଞ୍ଚଳର ଲୋକଙ୍କ ଜୀବନମାନ କେତେ ବଦଳିଲା ଏବଂ ଖଣିଜ ସମ୍ପଦ ଶେଷ ହେବା ପରେ ଓଡ଼ିଶା ପାଖରେ କ'ଣ ରହିବ ?

ଏହି ପ୍ରଶ୍ନଗୁଡ଼ିକର ଉତ୍ତର ବିନା ଖଣିଜ ବିକାଶକୁ ସମ୍ପୂର୍ଣ୍ଣ ବିକାଶ କୁହାଯାଇପାରିବ ନାହିଁ।

ରାଜସ୍ୱ ସହ ପରିବେଶର ମୂଲ୍ୟ ମଧ୍ୟ ହିସାବ ହେଉ

ଖଣିଜ ସମ୍ପଦରୁ ରାଜ୍ୟ ରାଜସ୍ୱ ପାଏ, କିନ୍ତୁ ଖଣି ଅଞ୍ଚଳର ଲୋକମାନେ ପରିବେଶୀୟ ଓ ସାମାଜିକ ମୂଲ୍ୟ ଦେଇଥାନ୍ତି। ଜଙ୍ଗଲ, ଜଳସମ୍ପଦ, ଜମି ଓ ଜୀବିକା ଉପରେ ପଡୁଥିବା ପ୍ରଭାବକୁ ମଧ୍ୟ ଆର୍ଥିକ ହିସାବରେ ସାମିଲ କରିବା ଦରକାର।

ଯଦି ରାଜ୍ୟର ଆର୍ଥିକ ଅଧିକାର ସୀମିତ ହୁଏ, ତେବେ ଏହି ଅଞ୍ଚଳଗୁଡ଼ିକର ଦୀର୍ଘମିଆଦର ବିକାଶ ପାଇଁ ଅତିରିକ୍ତ ସମ୍ପଦ ସଂଗ୍ରହର ସୁଯୋଗ ମଧ୍ୟ କମିଯାଇପାରେ। ତେଣୁ ଖଣିଜ ସମ୍ପଦରୁ ମିଳୁଥିବା ରାଜସ୍ୱ ଓ ଖଣିଜ ଉତ୍ତୋଳନର ସାମାଜିକ-ପରିବେଶୀୟ ମୂଲ୍ୟ- ଦୁଇଟିକୁ ଏକାଠି ଦେଖିବା ଆବଶ୍ୟକ।

ଏହି ପ୍ରସଙ୍ଗକୁ କେବଳ ରାଜନୈତିକ ବିବାଦରେ ପରିଣତ କରିଦେବା ଓଡ଼ିଶାର ସ୍ୱାର୍ଥରେ ନୁହେଁ। ରାଜ୍ୟ ସରକାରଙ୍କୁ ପ୍ରଥମେ ଏକ ସ୍ପଷ୍ଟ fiscal impact assessment କରିବା ଦରକାର।

MMDR Amendment Act 2026 ଫଳରେ ଆସନ୍ତା ୫, ୧୦ ଓ ୨୦ ବର୍ଷରେ ଓଡ଼ିଶାର କେଉଁ ରାଜସ୍ୱ ଉତ୍ସ ପ୍ରଭାବିତ ହେବ, ତାହାର ବାସ୍ତବ ଆକଳନ ହେବା ଦରକାର। ସେହିପରି ଖଣିଜ ଉତ୍ପାଦନ ବୃଦ୍ଧି ଫଳରେ କେତେ ଅତିରିକ୍ତ ରାଜସ୍ୱ ଆସିପାରେ, ତାହାର ମଧ୍ୟ ହିସାବ ହେବା ଦରକାର। ଏହି ତଥ୍ୟ ଆଧାରରେ ହିଁ ଓଡ଼ିଶାକୁ ନିଜର ଦାବି ଦୃଢ଼ ଭାବେ ରଖିବାକୁ ହେବ।

ଏହା ସହିତ ରାଜ୍ୟକୁ କେବଳ royalty ଓ auction premium ଉପରେ ନିର୍ଭର ନ କରି mineral-based value addition, downstream industries, technology, skill development ଓ local employment ଉପରେ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ।

ଏହି ବିତର୍କରେ ଗୋଟିଏ କଥା ସ୍ପଷ୍ଟ ହେବା ଦରକାର। ଏହା ଅଧିକାରର ପ୍ରଶ୍ନ ନୁହେଁ, ନ୍ୟାୟସଙ୍ଗତ ଅଂଶର ପ୍ରଶ୍ନ। ଦେଶର ସାମଗ୍ରିକ ଶିଳ୍ପ ବିକାଶ ପାଇଁ ଓଡ଼ିଶାର ଖଣିଜ ସମ୍ପଦର ଆବଶ୍ୟକତା ରହିଛି। ଓଡ଼ିଶା ମଧ୍ୟ ଜାତୀୟ ବିକାଶରୁ ପଛକୁ ହଟିବାକୁ ଚାହେଁ ନାହିଁ। କିନ୍ତୁ ଜାତୀୟ ବିକାଶର ଅର୍ଥ ଯଦି ଖଣିଜ ସମ୍ପଦ ଯୋଗାଉଥିବା ରାଜ୍ୟର ଆର୍ଥିକ ସ୍ୱାର୍ଥକୁ ଦୁର୍ବଳ କରିବା ହୁଏ, ତେବେ ତାହା ସନ୍ତୁଳିତ ବିକାଶ ହେବ ନାହିଁ। ଅନ୍ୟପଟେ, ରାଜ୍ୟର ଅଧିକାର ସୁରକ୍ଷା ନାମରେ ଯଦି ନିବେଶ, ଉତ୍ପାଦନ ଓ ଶିଳ୍ପାୟନ ବାଧାପ୍ରାପ୍ତ ହୁଏ, ତାହା ମଧ୍ୟ ଓଡ଼ିଶାର ଦୀର୍ଘମିଆଦର ସ୍ୱାର୍ଥ ନୁହେଁ।

ଆଜି ଓଡ଼ିଶାର ଖଣିଜ ସମ୍ପଦ ଦେଶର ଇସ୍ପାତ, ଶକ୍ତି ଓ ଶିଳ୍ପ ବିକାଶର ମେରୁଦଣ୍ଡକୁ ଶକ୍ତି ଦେଉଛି। ଆସନ୍ତାକାଲି ସେହି ସମ୍ପଦର ମୂଲ୍ୟ ଓଡ଼ିଶାର ଲୋକଙ୍କ ଜୀବନମାନ, ଶିକ୍ଷା, ସ୍ୱାସ୍ଥ୍ୟ, ଚାକିରି ଓ ସ୍ଥାୟୀ ବିକାଶରେ କେତେ ପ୍ରତିଫଳିତ ହେବ- ସେହି ହେବ ଏହି ନୂଆ ଆଇନର ପ୍ରକୃତ ପରୀକ୍ଷା।

ଖଣିଜ ସମ୍ପଦ ଦିନେ ନା ଦିନେ ଶେଷ ହୋଇଯିବ। କିନ୍ତୁ ସେହି ସମ୍ପଦରୁ ଯଦି ସ୍ଥାୟୀ ଶିଳ୍ପ, ଦକ୍ଷ ମାନବସମ୍ପଦ, ଭଲ ଶିକ୍ଷା, ଉନ୍ନତ ସ୍ୱାସ୍ଥ୍ୟସେବା ଓ ଶକ୍ତିଶାଳୀ ଭିତ୍ତିଭୂମି ଗଢ଼ିଉଠେ, ତେବେ ଖଣିଜ ସମ୍ପଦ ଓଡ଼ିଶାର ଭବିଷ୍ୟତକୁ ସମୃଦ୍ଧ କରିପାରିବ।

ସେଥିପାଇଁ MMDR Amendment Act, 2026କୁ ନେଇ ଓଡ଼ିଶାର ଆଲୋଚନା ନାରାରେ ନୁହେଁ, ତଥ୍ୟରେ ହେଉ; ରାଜନୀତିରେ ନୁହେଁ, ରାଜ୍ୟର ଦୀର୍ଘମିଆଦର ଆର୍ଥିକ ସ୍ୱାର୍ଥରେ ହେଉ।

କାରଣ ପ୍ରଶ୍ନ କେବଳ ଏତିକି ନୁହେଁ- ଖଣିଜ ସମ୍ପଦ କାହାର ?

ପ୍ରକୃତ ପ୍ରଶ୍ନ ହେଉଛି- ଏହି ସମ୍ପଦରୁ ମିଳୁଥିବା ସମୃଦ୍ଧିର ନ୍ୟାୟସଙ୍ଗତ ଅଂଶ କାହାକୁ ଏବଂ କେତେ ମିଳୁଛି ? ଏହି ପ୍ରଶ୍ନର ଉତ୍ତର ହିଁ ଓଡ଼ିଶାର ଆର୍ଥିକ ଭବିଷ୍ୟତର ଦିଗ ନିର୍ଦ୍ଧାରଣ କରିବ।

## ସେପ୍ଟେମ୍ବର ଶେଷ ସପ୍ତାହରେ ଓଡ଼ିଶା ଆସିବେ ରାହୁଲ୍ !



ଭୁବନେଶ୍ୱର,(ଜା.ପ୍ର): କଂଗ୍ରେସର ବରିଷ୍ଠ ନେତା ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧୀ ସେପ୍ଟେମ୍ବର ଶେଷ ସପ୍ତାହରେ ଓଡ଼ିଶା ଗସ୍ତରେ ଆସିପାରନ୍ତି। ତାଙ୍କର ସମ୍ଭାବ୍ୟ ଓଡ଼ିଶା ଗସ୍ତକୁ ନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଆରମ୍ଭ ହୋଇଥିବା ବେଳେ କଟକରେ ତାଙ୍କର ଏକ ବଡ଼ କାର୍ଯ୍ୟକ୍ରମ ହେବାର ସମ୍ଭାବନା ଥିବା ନେଇ ବିଶେଷ ସୂତ୍ରରୁ ସୂଚନା ମିଳିଛି।

ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାହୁଲ୍ ଗାନ୍ଧୀଙ୍କ ଗସ୍ତ ସମୟରେ କଟକରେ ଏକ ବୃହତ୍ ଜନସମାବେଶ କିମ୍ବା ଦଳୀୟ କାର୍ଯ୍ୟକ୍ରମ ଆୟୋଜନ ନେଇ ଆଲୋଚନା ଚାଲିଛି। ତେବେ କାର୍ଯ୍ୟକ୍ରମର ସ୍ଥାନ, ତାରିଖ ଓ ଅନ୍ୟାନ୍ୟ ବିବରଣୀ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନଥିବା ଜଣାପଡ଼ିଛି। ରାହୁଲ୍ ଗାନ୍ଧୀଙ୍କ ଏହି ସମ୍ଭାବ୍ୟ ଗସ୍ତକୁ ନେଇ ରାଜ୍ୟ କଂଗ୍ରେସର ନେତା ଓ କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି। ଗସ୍ତ ସମୟରେ ସେ ଦଳୀୟ ନେତାଙ୍କ ସହ ଆଲୋଚନା କରିବା ସହ ରାଜ୍ୟର ରାଜନୈତିକ ପରିସ୍ଥିତି ଓ ବିଭିନ୍ନ ଜନସମସ୍ୟା ଉପରେ ନିଜର ମତ ରଖିପାରନ୍ତି।

ବିଶେଷକରି ଯୁବପିଢ଼ିଙ୍କ ନିଯୁକ୍ତି, କୃଷକଙ୍କ ସମସ୍ୟା, ମହିଳା ସୁରକ୍ଷା, ଆଦିବାସୀ ଓ ଦଳିତ ଅଧିକାର, ରାଜ୍ୟର ବିକାଶ ଏବଂ ଗଣତାନ୍ତ୍ରିକ ପ୍ରସଙ୍ଗ ଗସ୍ତ ସମୟରେ ଆଲୋଚନାର କେନ୍ଦ୍ରବିନ୍ଦୁ ହୋଇପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

କଟକରେ କାର୍ଯ୍ୟକ୍ରମ ହେଲେ ଏହା ରାଜ୍ୟ କଂଗ୍ରେସ ପାଇଁ ଏକ ବଡ଼ ରାଜନୈତିକ ମଞ୍ଚ ହୋଇପାରେ। ଦଳର ରାଜ୍ୟସ୍ତରୀୟ ନେତୃତ୍ୱ ଏହାକୁ କିପରି ସଫଳ କରିବ ଏବଂ ଅଧିକ ସଂଖ୍ୟକ ଦଳୀୟ କର୍ମୀ ଓ ସାଧାରଣ ଲୋକଙ୍କୁ କିପରି ସାମିଲ କରାଯିବ, ସେନେଇ ଆଗାମୀ ଦିନରେ ପ୍ରସ୍ତୁତି ଜୋରଦାର ହେବାର ସମ୍ଭାବନା ରହିଛି। ତେବେ ରାହୁଲ୍ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ଏବଂ କଟକ କାର୍ଯ୍ୟକ୍ରମ ସମ୍ପର୍କରେ କଂଗ୍ରେସ ପକ୍ଷରୁ ଔପଚାରିକ ଘୋଷଣା ପରେ ହିଁ ଚୂଡ଼ାନ୍ତ ଚିତ୍ର ସ୍ପଷ୍ଟ ହେବ। ସେପ୍ଟେମ୍ବର ଶେଷ ସପ୍ତାହର ସମ୍ଭାବ୍ୟ ଗସ୍ତକୁ ନେଇ ଏବେ ରାଜନୈତିକ ମହଲର ନଜର କଟକ ଉପରେ।

ଜାତୀୟ ଚେତନା
JATIYA CHETANA



# ମୋଦୀଙ୍କୁ ଉଜ୍‌ବେକିସ୍ତାନର ସର୍ବୋଚ୍ଚ ସମ୍ମାନ

ତାଶକେଣ୍ଟ,(ଏଜେନ୍ସି): ଦୁଇ ଦେଶ ମଧ୍ୟରେ ବନ୍ଧୁତାକୁ ସୁଦୃଢ଼ କରିବାରେ ନିଜର ବିଶେଷ ଯୋଗଦାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ରବିବାର ଉଜବେକିସ୍ତାନର ରାଷ୍ଟ୍ରପତି ଶଉକାତ୍ ମିର୍ଜିୟୋୟେଭ "ଓଲି ଦରାଜାଲି ଦୋସ୍ତଲିକ୍" (ସର୍ବୋଚ୍ଚ ବନ୍ଧୁତ୍ୱ ସମ୍ମାନ)ରେ ସମ୍ମାନିତ କରିଛନ୍ତି। ଏହା ବିଦେଶୀ ନେତାମାନଙ୍କ ପାଇଁ ଉଜବେକିସ୍ତାନର ସର୍ବୋଚ୍ଚ ବେସାମରିକ ସମ୍ମାନ। ଏହି ସମ୍ମାନକୁ ଗ୍ରହଣ କରି ପ୍ରଧାନମନ୍ତ୍ରୀ ମୋଦୀ ଏହାକୁ ଭାରତର ୧୪୦ କୋଟି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଛନ୍ତି ଏବଂ ଏହା ଦୁଇ ଦେଶ ଓ ସଭ୍ୟତା ମଧ୍ୟରେ ଥିବା ସୁଦୃଢ଼ ବନ୍ଧୁତାର ପ୍ରତୀକ ବୋଲି ପ୍ରକାଶ କରିଛନ୍ତି। ରାଷ୍ଟ୍ରପତି ମିର୍ଜିୟୋୟେଭ ତାଙ୍କ ପ୍ରତି କହିଥିବା ପ୍ରଶଂସାର ଶବ୍ଦଗୁଡ଼ିକ ଭାରତ ଏବଂ ଉଜବେକିସ୍ତାନ ମଧ୍ୟରେ ଥିବା ଶତାବ୍ଦୀ ପୁରୁଣା ବନ୍ଧୁତା ଓ ସାଧାରଣ ଐତିହ୍ୟ ପ୍ରତି ଏକ ବିଶେଷ ଶ୍ରଦ୍ଧାଞ୍ଜଳି ବୋଲି ସେ ଦର୍ଶାଇଛନ୍ତି। ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ଏହି ସମ୍ମାନ ଭାରତ ପାଇଁ ଏକ ଅତିରିକ୍ତ ଦାୟିତ୍ୱ ଆଣିଦେଇଛି ଯେମିତି ମାନବଜାତିର କଲ୍ୟାଣ ପାଇଁ ଗ୍ଲୋବାଲ୍ ସାଉଥ୍ର ସହଯୋଗୀ ଭାବେ ଭାରତ ଓ ଉଜବେକିସ୍ତାନ ମିଳିମିଶି କାର୍ଯ୍ୟ କରିବେ। 'ଓଲି ଦରାଜାଲି ଦୋସ୍ତଲିକ୍' ସମ୍ମାନ ପ୍ରଦାନ ଭାରତ-ଉଜବେକିସ୍ତାନ ମଧ୍ୟରେ ଗଭୀର ସଭ୍ୟତାଗତ ସମ୍ପର୍କ ଏବଂ କ୍ରମଶଃ ସୁଦୃଢ଼ ହେଉଥିବା ବ୍ୟାପକ ରଣନୈତିକ ଭାଗୀଦାରିର ପ୍ରତିଫଳନ।



## ନେପାଳ ବନ୍ୟାର ଅନ୍ୟ ଏକ ବୀଭତ୍ସ ରୂପ

# ବିପଦରେ ୮୯୮ କର୍ମଚାରୀଙ୍କ ଜୀବନ

କାଠମାଣ୍ଡୁ,(ଏଜେନ୍ସି): ନେପାଳରେ ପ୍ରଳୟଙ୍କାରୀ ବନ୍ୟା ଯୋଗୁଁ ତ୍ରିଶୂଳୀ ହାଇଡ୍ରୋପାୱାର ପ୍ରୋଜେକ୍ଟ ସୁଡ଼ଙ୍ଗ (ଟନେଲ୍)ଗୁଡ଼ିକରେ ଫସି ରହିଥିବା କର୍ମଚାରୀମାନଙ୍କୁ ଉଦ୍ଧାର କରିବା ପାଇଁ ରେସକ୍ୟୁ ଅପରେସନ୍‌କୁ ଜୋରଦାର କରାଯାଇଛି। ସିଏନ୍‌ଏନ୍ ରିପୋର୍ଟ ଅନୁଯାୟୀ, ପ୍ରାୟ ୮୯୮ ଜଣ କର୍ମଚାରୀ ଏବେ ବି ଟନେଲ୍ ମଧ୍ୟରେ ଫସି ରହିଛନ୍ତି, ଯେତେବେଳେ କି ଏପର୍ଯ୍ୟନ୍ତ ୩୬୧ ଜଣ କର୍ମଚାରୀଙ୍କୁ ଉଦ୍ଧାର କରାଯାଇସାରିଛି। ତ୍ରିଶୂଳୀ-୩ 'ଏ' ହାଇଡ୍ରୋପାୱାର ପ୍ରୋଜେକ୍ଟର ସୁଡ଼ଙ୍ଗରେ ଚାଲିଥିବା ଉଦ୍ଧାର କାର୍ଯ୍ୟରେ ରବିବାର ଦିନ କିଛି ସଫଳତା ମିଳିଛି। ଉଦ୍ଧାରକାରୀ ଦଳ ମେସିନ୍ ସାହାଯ୍ୟରେ ମାଟି ଏବଂ କାଦୁଅ ହଟାଉଛନ୍ତି। ସୁଡ଼ଙ୍ଗରେ ୬ ଇଞ୍ଚର ଗାତ କରି ପାଇପ୍ ମାଧ୍ୟମରେ ପବନ ପହଞ୍ଚାଯାଉଛି। ବର୍ତ୍ତମାନ ଏହାକୁ ବଡ଼ କରି ମ୍ୟାନହୋଲ୍ ପ୍ରସ୍ତୁତ କରିବାକୁ ପ୍ରସ୍ତୁତି ଚାଲିଛି, ଯାହାଫଳରେ ଉଦ୍ଧାରକାରୀ ଦଳ ସୁଡ଼ଙ୍ଗ ଭିତରକୁ ଯାଇ ଲୋକଙ୍କୁ ଖୋଜିପାରିବେ।

ଏହାରି ମଧ୍ୟରେ ଭାରତ ମଧ୍ୟ ନିଜ ନାଗରିକଙ୍କ ସୁରକ୍ଷିତ ଉଦ୍ଧାର ଅଭିଯାନ ପାଇଁ ପ୍ରସ୍ତୁତ ରହିଛି। ରିପୋର୍ଟ ଅନୁସାରେ ନେପାଳରେ ଏକ ୧୯ଜଣିଆ ଭାରତୀୟ ଫରେନ୍‌ସିକ୍ ଏବଂ ଟନେଲ୍ ରେସ୍‌କ୍ୟୁ ଟିମ୍ ନିୟୋଜିତ ହୋଇଛନ୍ତି। ଏହି ଟିମ୍ ବନ୍ୟା ପୀଡ଼ିତଙ୍କ ମୃତଦେହ ଚିହ୍ନଟ ପାଇଁ ଡିଏନ୍‌ଏ ସାମ୍ପୁଲ୍ ପରୀକ୍ଷାରେ ସାହାଯ୍ୟ କରିବ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ବିବୃତି ଜାରି କରି ଏହି ସୂଚନା ଦେଇଛି। ସୂଚନାନୁସାରେ ଭାରତୀୟ ଟନେଲ୍ ରେସ୍‌କ୍ୟୁ ଟିମ୍ ଚିଲିମେ ଏବଂ ଲାଙ୍ଗଟାଙ୍ଗ୍‌ର ହାଇଡ୍ରୋପାୱାର ପ୍ରୋଜେକ୍ଟରେ ନେପାଳ ସେନାର ଖୋଜାଖୋଜି ଓ ଉଦ୍ଧାର କାର୍ଯ୍ୟରେ ସାହାଯ୍ୟ କରିଛି। ଟିମ୍ ଲାଙ୍ଗଟାଙ୍ଗ୍ ହାଇଡ୍ରୋଇଲେକ୍ଟ୍ରିକ୍ ପ୍ରୋଜେକ୍ଟ ନିକଟରେ ଥିବା ଏକ ସୁଡ଼ଙ୍ଗରେ ପହଞ୍ଚି ଖରାପ ପାଗ ସତ୍ତ୍ୱେ ଜଣେ ବ୍ୟକ୍ତିଙ୍କ ମୃତଦେହ ବାହାର କରିଛି। ଏହା ବ୍ୟତୀତ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ ନେପାଳରେ ଆଜି ଟୀନ୍ ପଟୁ ୪୦୩ ଜଣ ଭାରତୀୟ ସୁରକ୍ଷିତ ଭାବେ ପହଞ୍ଚିଛନ୍ତି। ଏହା ସହିତ ଚୀନ୍ ପଟେ ଏବେ ବି ୫୦୦ ଜଣ ଭାରତୀୟ ଅଛନ୍ତି ଏବଂ ସମସ୍ତେ ସୁରକ୍ଷିତ ଅଛନ୍ତି।

ସୂଚନାଯୋଗ୍ୟ ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ନେପାଳରେ ଫସି ରହିଥିବା ଭାରତୀୟ ନାଗରିକଙ୍କ ଉଦ୍ଧାର କାର୍ଯ୍ୟକୁ ନେଇ ଆଜି ୩୦ ଅଗଷ୍ଟ ସନ୍ଧ୍ୟା ୫:୩୦ ପର୍ଯ୍ୟନ୍ତର ଅପଡେଟ୍ ଜାରି କରିଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ପ୍ରବକ୍ତା ରଣଧୀର ଜୟସୱାଲ୍ ଉଦ୍ଧାର କରାଯାଇଥିବା ୧୪୯ ଜଣ ଭାରତୀୟଙ୍କ ନାମର ଏକ ତାଲିକା ସୋସିଆଲ୍ ମିଡିଆରେ ସେୟାର କରିଛନ୍ତି। ପ୍ରକାଶ, ଅଗଷ୍ଟ ୨୬ରେ ନେପାଳର ଭୋଟେକୋଶୀ ଏବଂ ତ୍ରିଶୂଳୀ ନଦୀରେ ଆକସ୍ମିକ ବନ୍ୟା ଆସିଥିଲା। ଏହି ବିପତ୍ତିରେ ନେପାଳରେ ଏପର୍ଯ୍ୟନ୍ତ ୭୮୮ ଜଣଙ୍କ ଏବଂ ତିବ୍ବତରେ ୧୬ଜଣଙ୍କ ମୃତ୍ୟୁକୁ ମିଶାଇ ମୋଟ୍ ମୃତ୍ୟୁସଂଖ୍ୟା ୮୦୪ରେ ପହଞ୍ଚିଛି। ତେବେ ନେପାଳ ପାଇଁ ଆଉ ଏକ ବଡ଼ ଧରଣର ବନ୍ୟା ସ୍ଥିତି ଉତ୍ପନ୍ନ ହୋଇଥିବା ଚୀନ୍ ପକ୍ଷରୁ ସତର୍କ କରାଯାଇଛି। ଫଳରେ ନଦୀକୂଳିଆ ଅଞ୍ଚଳର ଲୋକମାନଙ୍କୁ ତୁରନ୍ତ ସୁରକ୍ଷିତ ଅଞ୍ଚଳକୁ ଚାଲିଯିବାକୁ ପରାମର୍ଶ ଦିଆଯାଉଛି।


# ପୌର ପରିଷଦ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ

ପଟ୍ଟାମୁଣ୍ଡାଇ ପୌରପରିଷଦ ତାହାର ଅଗଣିତ ଟିକସଦାତା, ପୌରବାସୀ, ବ୍ୟବସାୟିକ ଅନୁଷ୍ଠାନ ଓ ବୁଦ୍ଧିଜୀବୀମାନଙ୍କୁ ସ୍ୱାୟତ୍ତ ଶାସନ ଦିବସର ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ସହଯୋଗ କାମନା କରୁଅଛି।

**ନିବେଦନ:-**

୦୧. ପୌରପରିଷଦ ଅଞ୍ଚଳର ଜନସାଧାରଣ ନିଜ ନିଜର ଟିକସ ଠିକ୍ ସମୟରେ ପୈଠ କରନ୍ତୁ।

୦୨. ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ ଓ ମଞ୍ଜୁର ନକ୍ସା ଅନୁସାରେ ଗୃହ ନିର୍ମାଣ ସମାପ୍ତ ପରେ ତାହାକୁ ପଞ୍ଜିକରଣ କରାଇ ନିଅନ୍ତୁ।

୦୩. ସହର ଓ ଆଭ୍ୟନ୍ତରୀଣ ରାସ୍ତାଗୁଡ଼ିକ ଉପରକୁ ଗୃହପାଳିତ ପଶୁମାନଙ୍କୁ ଛାଡ଼ନ୍ତୁ ନାହିଁ।

୦୪. ପରିଷଦ ଅଞ୍ଚଳରେ ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପରିଷଦରୁ ବ୍ୟବସାୟ ଲାଇସେନ୍ସ କରାଇ ନିଅନ୍ତୁ।

୦୫. ସର୍ବସାଧାରଣ ଜାଗାରେ ଆବର୍ଜନା ପକାନ୍ତୁ ନାହିଁ। ସର୍ବଦା ଆବର୍ଜନାକୁ ଓଦା ଓ ଶୁଖିଲା ଡଷ୍ଟବିନରେ ପୃଥକ୍ ଭାବରେ ରଖି ସ୍ୱଚ୍ଛ ସବାରୀ ଗାଡ଼ିକୁ ପ୍ରଦାନ କରନ୍ତୁ।

୦୬. ସରକାରୀ ସମ୍ପତ୍ତି ଓ ସର୍ବସାଧାରଣ ସ୍ଥାନକୁ ଜବରଦଖଲ କରନ୍ତୁ ନାହିଁ।

୦୭. ପରିଷଦର ସମ୍ପତ୍ତି ସୁରକ୍ଷା କରିବା ଆପଣଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ।


୦୮. ସର୍ବସାଧାରଣ ରାସ୍ତା ଉପରେ ମଇଳା, ଆବର୍ଜନା ଓ ଗୃହ ତିଆରି ସାମଗ୍ରୀ ତଥା ଇଟା, ବାଲି, ଗୋଡ଼ି ଇତ୍ୟାଦି ଜମା ରଖି ରାସ୍ତା ଅବରୋଧ କରି ଜନସାଧାରଣଙ୍କ ଯାତାୟାତରେ ବାଧା ସୃଷ୍ଟି କରନ୍ତୁ ନାହିଁ।

୦୯. ଡଷ୍ଟବିନ୍‌କୁ ସୁଚାରୁ ରୂପେ ଘରେ ଏବଂ ବଜାରରେ ବ୍ୟବହାର କରନ୍ତୁ।


୧୦. ବର୍ଷାଜଳ ସଂରକ୍ଷଣ ପାଇଁ ନିଜ ଗୃହ ଓ ପରିପାର୍ଶ୍ୱରେ ବୃକ୍ଷରୋପଣ ସହିତ ଭୂତଳ ଜଳ ସଂରକ୍ଷଣ ପାଇଁ ନିଜ ଗୃହରେ ବର୍ଷାଜଳ ପ୍ରକଳ୍ପ ତିଆରି କରନ୍ତୁ।

**ଆମର ଲକ୍ଷ୍ୟ:-**

- ପୌରପରିଷଦର ଅନେକଗୁଡ଼ିଏ ସ୍ଥାନରେ ଜନସାଧାରଣଙ୍କ ଆର୍ଥିକ ବୃଦ୍ଧି ନିମନ୍ତେ ଦୋକାନ ଗୃହ ନିର୍ମାଣ କରି ବଣ୍ଟନ କରାଯିବ।
- ପୌରପରିଷଦରେ କୌଣସି ପରିବା ହାଟ ନ ଥିବାରୁ ଏକ ପରିବା ହାଟ ନୂତନ ବସ୍ ଷ୍ଟାଣ୍ଡ ନିକଟରେ ନିର୍ମାଣ, ଅଲଭା ପୋଖରୀ ଓ ମଙ୍ଗଳାନାଥ ଉଚ୍ଚ ବିଦ୍ୟାଳୟ ପୋଖରୀର ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ନିମନ୍ତେ ପଦକ୍ଷେପ ନିଆଯାଇଅଛି।
- ପଟ୍ଟାମୁଣ୍ଡାଇ ପୌରାଞ୍ଚଳରୁ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ ନିମନ୍ତେ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇଅଛି। ତାହା ଅତିଶୀଘ୍ର କାର୍ଯ୍ୟକାରୀ କରାଯିବ।
- ମଳ ଉପଚାର କେନ୍ଦ୍ରର ପ୍ରଶାସନିକ ଗୃହର ଶୁଭ ଉଦ୍‌ଘାଟନ।



ଶ୍ରୀଯୁକ୍ତ ରଞ୍ଜନ କୁମାର ଦାସ
ନିର୍ବାହୀ ଅଧିକାରୀ




ଶ୍ରୀଯୁକ୍ତ ହେମନ୍ତ କୁମାର ସାହୁ
ଅଧ୍ୟକ୍ଷ

ଉପାଧ୍ୟକ୍ଷା ଓ ସମସ୍ତ ପାରିଷଦବୃନ୍ଦ


## ଓଡ଼ିଶାର ସୁବ୍ରତ ବାଗ୍‌ଚୀଙ୍କୁ କର୍ଣ୍ଣାଟକରେ ବଡ଼ ଦାୟିତ୍ୱ

# ଦକ୍ଷତା ବିକାଶ ପାଇଁ ଗଠିତ 'ଭିଜନ୍ ଗ୍ରୁପ୍'ର ଅଧ୍ୟକ୍ଷ ହେଲେ ମାଇଣ୍ଡଟ୍ରିର ସହ-ପ୍ରତିଷ୍ଠାତା

ବେଙ୍ଗାଲୁରୁ/ଭୁବନେଶ୍ୱର,(ସ୍ୱ.ପ୍ର): ଓଡ଼ିଶାର ସୁପୁତ୍ର ତଥା ପ୍ରଖ୍ୟାତ ଶିଳ୍ପପତି, ପ୍ରଯୁକ୍ତି ଉଦ୍ୟୋଗୀ ଓ ଅନୁଷ୍ଠାନ ନିର୍ମାତା ସୁବ୍ରତ ବାଗ୍‌ଚୀଙ୍କୁ କର୍ଣ୍ଣାଟକ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରିଛନ୍ତି। କର୍ଣ୍ଣାଟକ ସରକାରଙ୍କ ଦକ୍ଷତା ବିକାଶ ସମ୍ପର୍କିତ 'ଭିଜନ୍ ଗ୍ରୁପ୍'ର ଅଧ୍ୟକ୍ଷ ଭାବେ ଶ୍ରୀ ବାଗ୍‌ଚୀଙ୍କୁ ନିଯୁକ୍ତ କରାଯାଇଛି। 'କର୍ଣ୍ଣାଟକ ରାଜ୍ୟ ଦକ୍ଷତା ନୀତି ୨୦୨୫' ଅଧୀନରେ ଭବିଷ୍ୟତର ଆବଶ୍ୟକତା ଓ ଶିଳ୍ପଜଗତର ଚାହିଦା ଅନୁଯାୟୀ ଏକ ଦକ୍ଷ, ପ୍ରଶିକ୍ଷିତ ଓ ଶିଳ୍ପ-ପ୍ରସ୍ତୁତ କାର୍ଯ୍ୟବଳ ଗଠନ କରିବା କର୍ଣ୍ଣାଟକ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ। ଏହି ଉଦ୍ଦେଶ୍ୟକୁ ସାକାର କରିବା ସହ ରାଜ୍ୟର ସମଗ୍ର ଦକ୍ଷତା ବିକାଶ ବ୍ୟବସ୍ଥାକୁ ରଣନୈତିକ ମାର୍ଗଦର୍ଶନ ଦେବା ପାଇଁ ଉଚ୍ଚସ୍ତରୀୟ 'ଭିଜନ୍ ଗ୍ରୁପ୍' ଗଠନ କରାଯାଇଛି। ପ୍ରଯୁକ୍ତି କ୍ଷେତ୍ରରେ ଭାରତର ଏକ ପ୍ରତିଷ୍ଠିତ ନାମ ଭାବେ ପରିଚିତ ଶ୍ରୀ ବାଗ୍‌ଚୀ 'ମାଇଣ୍ଡଟ୍ରି'ର ସହ-ପ୍ରତିଷ୍ଠାତା। ଉଦ୍ୟୋଗ, ପ୍ରଯୁକ୍ତି, ମାନବ ସମ୍ବଳ ବିକାଶ ଓ ଅନୁଷ୍ଠାନ ଗଠନ କ୍ଷେତ୍ରରେ ତାଙ୍କର ଦୀର୍ଘ ଅଭିଜ୍ଞତା ରହିଛି। ଦକ୍ଷତା ବିକାଶକୁ ଶିଳ୍ପର ଆବଶ୍ୟକତା ସହ ଯୋଡ଼ିବା ଏବଂ ଯୁବପିଢ଼ିଙ୍କୁ ଭବିଷ୍ୟତର ଚାକିରି ବଜାର ପାଇଁ ପ୍ରସ୍ତୁତ କରିବା କ୍ଷେତ୍ରରେ ତାଙ୍କ ଅଭିଜ୍ଞତା ଏହି ଦାୟିତ୍ୱରେ ବିଶେଷ ମହତ୍ତ୍ୱ ବହନ କରିବ। ଓଡ଼ିଶାରେ ମଧ୍ୟ ଦକ୍ଷତା ବିକାଶ ଓ ଯୁବପିଢ଼ିଙ୍କ ମାନବ ସମ୍ବଳ ବିକାଶ କ୍ଷେତ୍ରରେ ଶ୍ରୀ ବାଗ୍‌ଚୀଙ୍କ ଅବଦାନ ଉଲ୍ଲେଖନୀୟ। ରାଜ୍ୟର ଯୁବପିଢ଼ିଙ୍କ ଦକ୍ଷତା ବୃଦ୍ଧି, ଶିକ୍ଷା ଓ ରୋଜଗାର ସୁଯୋଗ ସୃଷ୍ଟି ନେଇ ତାଙ୍କର ଚିନ୍ତାଧାରା ଓ ପଦକ୍ଷେପ ବେଶ୍ ପ୍ରଶଂସିତ ହୋଇଛି। ବିଶେଷକରି କୋଭିଡ୍-୧୯ ମହାମାରୀ ସମୟରେ ଶ୍ରୀ ବାଗ୍‌ଚୀଙ୍କ ସରଳ, ସ୍ୱଷ୍ଟ ଓ ଆଶ୍ୱାସନାଦାୟକ ପରାମର୍ଶ ଓଡ଼ିଶାବାସୀଙ୍କ ମନରେ ଏବେ ମଧ୍ୟ ସ୍ମରଣୀୟ। ସେହି କଠିନ ସମୟରେ ଲୋକଙ୍କୁ ସଚେତନ କରିବା, ମାନସିକ ଭାବେ ଦୃଢ଼ ରହିବାକୁ ପ୍ରେରଣା ଦେବା ଏବଂ ସଙ୍କଟକୁ ସାହସର ସହ ମୁକାବିଲା କରିବାର ବାର୍ତ୍ତା ଦେବାରେ ତାଙ୍କ ଦୈନିକ ଉପଦେଶ ବେଶ୍ ଲୋକପ୍ରିୟ ହୋଇଥିଲା। ଓଡ଼ିଶାର ମାଟିରୁ ଉଠି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିଥିବା ଶ୍ରୀ ବାଗ୍‌ଚୀଙ୍କୁ କର୍ଣ୍ଣାଟକ ସରକାରଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ ଓଡ଼ିଶା ପାଇଁ ମଧ୍ୟ ଗର୍ବ ଓ ଗୌରବର ବିଷୟ ବୋଲି ବୁଦ୍ଧିଜୀବୀ ଓ ଶିକ୍ଷାବିତ୍‌ମାନେ ମତ ପ୍ରକାଶ କରିଛନ୍ତି। କର୍ଣ୍ଣାଟକର ଦକ୍ଷତା ବିକାଶ ବ୍ୟବସ୍ଥାକୁ ଅଧିକ ଫଳପ୍ରଦ, ଶିଳ୍ପ-ଅନୁକୂଳ ଓ ଭବିଷ୍ୟତମୁଖୀ କରିବାରେ ଶ୍ରୀ ବାଗ୍‌ଚୀଙ୍କ ଅଭିଜ୍ଞତା ଓ ଦୂରଦୃଷ୍ଟି ନୂଆ ଦିଗ ଦେବ ବୋଲି ଆଶା କରାଯାଉଛି। ତାଙ୍କ ନିଯୁକ୍ତି କେବଳ କର୍ଣ୍ଣାଟକର ଦକ୍ଷତା ବିକାଶ କ୍ଷେତ୍ର ପାଇଁ ନୁହେଁ, ଓଡ଼ିଶାର ଯୁବପିଢ଼ି ପାଇଁ ମଧ୍ୟ ଏକ ପ୍ରେରଣାର ବିଷୟ ହୋଇଛି।



ଜାତୀୟ ଚେତନା
JATIYA CHETANA



# ‘ମନ୍ କି ବାତ୍’ ଅସରନ୍ତି ପ୍ରେରଣାର ଉତ୍ସ: ମୁଖ୍ୟମନ୍ତ୍ରୀ





ଭୁବନେଶ୍ୱର,(ଜା.ପ୍ର): ରବିବାର ଥିଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୩୭ତମ ‘ମନ୍ କି ବାତ୍’। ଏହି ରେଡିଓ କାର୍ଯ୍ୟକ୍ରମ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଛନ୍ତି ପ୍ରଧାନମନ୍ତ୍ରୀ। ଏନେଇ ଭୁବନେଶ୍ୱରର ନୟାପଲ୍ଲୀସ୍ଥିତ ବାଲୁଙ୍କେଶ୍ୱର ମହାଦେବ ପୀଠ ପରିସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ମାର୍ଗ ଦର୍ଶନକୁ ଦେଶବାସୀଙ୍କ ପାଇଁ ପ୍ରେରଣାର ଅସରନ୍ତି ଉତ୍ସ ଭାବେ କହିଛନ୍ତି।

‘ମନ୍ କି ବାତ୍’ କାର୍ଯ୍ୟକ୍ରମ ଦେଖିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମରେ ଓଡ଼ିଶାକୁ ଯଥେଷ୍ଟ ଗୁରୁତ୍ୱ ମିଳିଛି। ଓଡ଼ିଶାର ଇତିହାସ, ପ୍ରାକୃତିକ ପରିବେଶ, କଳା ଓ ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ଆଣିବାରେ ଓଡ଼ିଆ ଲୋକଙ୍କ ଉଦ୍ୟମକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ସମ୍ମୁଖକୁ ଆଣିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ସ୍ପଟ୍ ଲାଇଟ ସେମାନଙ୍କୁ ରାଷ୍ଟ୍ର ନିର୍ମାଣ ପାଇଁ ପ୍ରୋତ୍ସାହିତ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ୍ ଦେଇଛନ୍ତି ମୁଖ୍ୟମନ୍ତ୍ରୀ।

ଆଜିର ‘ମନ୍ କି ବାତ୍’ କାର୍ଯ୍ୟକ୍ରମରେ ଓଡ଼ିଶାର ଐତିହ୍ୟ ଓ ଜନଶକ୍ତିର ଉଲ୍ଲେଖ ଦେଖିବାକୁ ମିଳିଛି। ଆଜିର ମନ୍ କି ବାତ୍ ରେ ମୁମ୍ବାଇର କୃଷ୍ଣା ଶେଷାଦ୍ରି ପ୍ରଧାନମନ୍ତ୍ରୀଙ୍କ ପ୍ରଶ୍ନର ଉତ୍ତର ଦେଇ ଓଡ଼ିଶାର ପ୍ରସିଦ୍ଧ ଭୌମକର ବଂଶର ରାଣୀ ତ୍ରିଭୁବନ ମହାଦେବୀଙ୍କ ପରି ଐତିହାସିକ ଚରିତ୍ର ସହ କଥା ହେବାର ଇଚ୍ଛା ପ୍ରକାଶ କରିଛନ୍ତି। ଏହାଦ୍ୱାରା ଓଡ଼ିଶାର ଗୌରବମୟ ଇତିହାସ ଜାତୀୟସ୍ତରରେ ପୁନର୍ଜୀବିତ ହୋଇ ପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହିତ, ଦେବ୍ରୀଗଡ଼ ଅଭୟାରଣ୍ୟ ନିକଟସ୍ଥ ଧୋଡ୍ରୋକୁସୁମ ଗ୍ରାମର ମୈଥିଳୀ ଭୂଏଙ୍କ ଭଳି ଗ୍ରାମୀଣ ମହିଳାମାନଙ୍କ ପରିବେଶ ସୁରକ୍ଷା ଓ ଆତ୍ମନିର୍ଭରଶୀଳତାର କାହାଣୀ ସମସ୍ତଙ୍କ ପାଇଁ ଉଦାହରଣ ସାଜିଛି। ପୂର୍ବରୁ ଜଙ୍ଗଲ ଉପରେ ନିର୍ଭରଶୀଳ ଥିବା ମୈଥିଳୀ ଆଜି ଇକୋ-ଟୁରିଜିମ୍ ସହ ଯୋଡ଼ିହୋଇ ଜଙ୍ଗଲ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ଅଛନ୍ତି ଏବଂ ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଆଜି ପ୍ରାୟ ୬୦ ଜଣ ମହିଳା ଏହି ସ୍ୱାବଲମ୍ବନ ଅଭିମୁଖ୍ୟ ଗ୍ରହଣ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ବିଭିନ୍ନ କ୍ଷେତ୍ରରେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇ ସଫଳତା ହାସଲ କରୁଥିବା ଆମର ଯୁବବର୍ଗ ଅନେକ ସମୟରେ ଜାତୀୟ ସ୍ତରରେ ଲୋକଲୋଚନକୁ ଆସିପାରି ନଥାନ୍ତି। ପ୍ରଧାନମନ୍ତ୍ରୀ ସେମାନଙ୍କର ଏହି ନିଷ୍ଠାପର ଉଦ୍ୟମ, ତ୍ୟାଗ ଓ ସଫଳତାକୁ ସାଉଁଟି ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରୁଛନ୍ତି, ଯାହା ସମଗ୍ର ସମାଜ ପାଇଁ ଏକ ନୂତନ ଉତ୍ସାହ ଓ ପ୍ରେରଣା ସୃଷ୍ଟି କରୁଛି। ଆତ୍ମ ନିର୍ଭର ଭାରତ ଗଠନ ପାଇଁ ଯୁବଶକ୍ତିର ସକ୍ରିୟ ସହଯୋଗ ଓ ସଠିକ୍ ମାର୍ଗଦର୍ଶନ ଅତ୍ୟନ୍ତ ଆବଶ୍ୟକ। ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟେକ କାର୍ଯ୍ୟ, ବକ୍ତବ୍ୟ ଓ ଚିନ୍ତାଧାରା କେବଳ ରାଷ୍ଟ୍ର ନିର୍ମାଣ ଉଦ୍ଦେଶ୍ୟରେ ସମର୍ପିତ। ଯୁବ ପ୍ରତିଭାମାନଙ୍କୁ ସ୍ୱୀକୃତି ଓ ସମ୍ମାନ ପ୍ରଦାନ କରି ସେ ସେମାନଙ୍କୁ ବିକଶିତ ଭାରତ ନିର୍ମାଣରେ ଭାଗିଦାର ହେବାକୁ ଉତ୍ସାହିତ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ଦେଖାଇଥିବା ବିକାଶ ଓ ସ୍ୱାବଲମ୍ବନର ମାର୍ଗରେ ଅଗ୍ରସର ହୋଇ ଏକ ଆତ୍ମନିର୍ଭର ଥତା ବିକଶିତ ଭାରତ ଗଠନ ପାଇଁ ମିଳିମିଶି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ସମସ୍ତ ନାଗରିକଙ୍କୁ ଆହ୍ୱାନ ଦେଇଛନ୍ତି।

# ଓଡ଼ିଶାର ମୈଥିଳିଙ୍କୁ ମୋଦୀଙ୍କ ପ୍ରଶଂସା

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶାର ମୈଥିଳି ଭୁଏଙ୍କୁ ଭୁରି ଭୁରି ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ରବିବାର ୧୩୭ ତମ ‘ମନ୍ କି ବାତ୍’ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଓଡ଼ିଶାର ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟର ମୈଥିଳି ଭୁଏଙ୍କୁ ପରିବେଶ ପର୍ଯ୍ୟଟନ, ଜଙ୍ଗଲ ସଂରକ୍ଷଣ ଏବଂ ନାରୀ ସଶକ୍ତୀକରଣ କ୍ଷେତ୍ରରେ ତାଙ୍କର ଅସାଧାରଣ ନେତୃତ୍ୱ ପାଇଁ ଉଚ୍ଚ ପ୍ରଶଂସା କରିଛନ୍ତି। ଡେବ୍ରିଗଡ଼ ଅଭୟାରଣ୍ୟ ଓ ହୀରାକୁଦ ଜଳଭଣ୍ଡାର ଅଞ୍ଚଳରେ ଇକୋ-ଟୁରିଜିମର ପରିଚାଳନା ଦାୟିତ୍ୱ ସ୍ଥାନୀୟ ମହିଳାମାନଙ୍କ ହାତକୁ ଯିବା ପଛରେ ମୈଥିଳି ଭୁଏଙ୍କର ପ୍ରମୁଖ ଭୂମିକା ରହିଛି। ‘ମନ୍ କି ବାତ୍’ରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ‘ଡେବ୍ରିଗଡ଼ର ମୈଥିଳି ଭୁଏ ଏବଂ ତାଙ୍କ ସହଯୋଗୀ ମହିଳାମାନେ ପ୍ରମାଣ କରିଦେଇଛନ୍ତି ଯେ, ପ୍ରକୃତି ସଂରକ୍ଷଣ ଏବଂ ସ୍ଥାନୀୟ ଜୀବିକା ପରସ୍ପର ସହ କିପରି ସୁନ୍ଦର ଭାବେ ଯୋଡ଼ି ହୋଇପାରିବ। ସ୍ଥାନୀୟ ଲୋକଙ୍କ ସହଭାଗିତା ବିନା ଜଙ୍ଗଲ ସୁରକ୍ଷା ସମ୍ଭବ ନୁହେଁ ଏବଂ ଡେବ୍ରୀଗଡ଼ର ଏହି ମଡେଲ ସମଗ୍ର ଦେଶ ପାଇଁ ପ୍ରେରଣାଦାୟୀ । ମୈଥିଳି ଭୁଏଙ୍କ ଏହି ସଫଳତା ଦର୍ଶାଉଛି ଯେ ସୁଯୋଗ ମିଳିଲେ ଗ୍ରାମାଞ୍ଚଳର ମହିଳାମାନେ ପରିବେଶ ସୁରକ୍ଷା କରିବା ସହିତ ନିଜ ଗୋଷ୍ଠୀର ଆର୍ଥିକ ଉନ୍ନତି ମଧ୍ୟ କରିପାରିବେ।’ ଏହି ସୂଚନା ପାଇବା ପରେ ମୈଥିଳି ଭୁଏ ନିଜର ଖୁସି ବ୍ୟକ୍ତ କରିଛନ୍ତି।


ଭୁବନେଶ୍ୱର-ବାସୀଙ୍କୁ ସ୍ୱାୟତ୍ତ ଶାସନ ଦିବସ-୨୦୨୬ର
ଅନେକ ଅନେକ ଶୁଭେଚ୍ଛା

**ସ୍ୱାୟତ୍ତ ଶାସନ ଦିବସ ଅବସରରେ**
**ନିମ୍ନ ଲିଖିତ ପ୍ରକଳ୍ପଗୁଡିକର**
**ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ**
**୩୧ ଅଗଷ୍ଟ ୨୦୨୬**

**ପ୍ରକଳ୍ପ ଲୋକାର୍ପଣ**

- ଡିଫେନ୍ସ କଲୋନୀର ନବ ନିର୍ମିତ ଆଭ୍ୟନ୍ତରୀଣ ରାସ୍ତା ଓ ଡ୍ରେନ୍, ୱାର୍ଡ଼ ନଂ-୭
- ଲୋକନାଥ ବିହାର ଠାରେ ରାସ୍ତା ଓ ଡ୍ରେନ୍, ୱାର୍ଡ଼ ନଂ-୧୦
- ନବ ନିର୍ମିତ ପେଭର ବ୍ଲକ ରାସ୍ତା ଓ ଡ୍ରେନ୍, ଭୋଟପଡ଼ା ୱାର୍ଡ଼ ନଂ-୧୦
- ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ୱାର୍ଡ଼ ନଂ-୬୫
- ୩ ଗୋଟି ୨ ସିଟ୍ ବିଶିଷ୍ଟ ‘ଲୁ’, ୱାର୍ଡ଼ ନଂ-୫୪
- ଟି.ଟି.ଏସ୍ ଗାଡ଼କଣରେ ୩୦ କେ.ଏଲ୍.ଡି ଇଫ୍ଲୁଏଣ୍ଟ ବିଶୋଧିକରଣ ପ୍ଲାଣ୍ଟ, ୱାର୍ଡ଼ ନଂ-୧୧
- ଦୈନିକ ୨୫ ଟନ୍ କ୍ଷମତା ବିଶିଷ୍ଟ ସବୁଜ ବର୍ଜ୍ୟ ପ୍ରକ୍ରିୟାକରଣରୁ ବାୟୋମାସ୍ ବ୍ରିକେଟ ଉତ୍ପନ୍ନ ପ୍ଲାଣ୍ଟ, ୱାର୍ଡ଼ ନଂ-୦୫
- ୧ ନମ୍ବର ମେନ୍ ଡ୍ରେନ୍ (ପଦ୍ମାବତୀ ବିହାର କଲଭର୍ଟ ରୁ ନନ୍ଦନକାନନ କଲଭର୍ଟ ପର୍ଯ୍ୟନ୍ତ), ୱାର୍ଡ଼ ନଂ-୦୬
- କପିଳେଶ୍ୱର ଶ୍ମଶାନ ଏବଂ ପାର୍କର ନିର୍ମାଣ, ୱାର୍ଡ଼ ନଂ-୬୦
- ରାସ୍ତାର ପୁନଃ ନିର୍ମାଣ, ୱାର୍ଡ଼ ନଂ-୬୫
- ପ୍ରାଚୀର ନିର୍ମାଣ ଏବଂ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟ (ଭୋଟପଡ଼ା ଖେଳ ପଡିଆ), ୱାର୍ଡ଼ ନଂ-୧୦
- ପଳାଶୁଣୀଠାରେ ଗୃହ ପାଳିତ ପଶୁଙ୍କ ଶ୍ମଶାନ, ୱାର୍ଡ଼ ନଂ-୦୫
- ୱାର୍ଡ଼ କାର୍ଯ୍ୟାଳୟ, ୱାର୍ଡ଼ ନଂ-୧୩, ୱାର୍ଡ଼ ନଂ-୨୪
- ବଡ଼ଗଡ଼ ବ୍ରିଟ କଲୋନୀ ପାଣ୍ଡବ ନଗର ପାର୍କ, ୱାର୍ଡ଼ ନଂ-୫୭
- ଭୋଟପଡ଼ା ଗ୍ରାମରେ ନିର୍ମିତ ଶ୍ମଶାନ, ୱାର୍ଡ଼ ନଂ-୧୦

**ଭିତ୍ତିପ୍ରସ୍ତର ସ୍ଥାପନ**

- ଭୁବନେଶ୍ୱର ମହାନଗର ନିଗମର ୩୦ ଗୋଟି ପବ୍ଲିକ୍ ଟଏଲେଟ୍ ରେ ୫ କେ.ଏଲ୍.ଡି ବିଶିଷ୍ଟ ଏସ୍.ଟି.ପି
- ଦାରୁଠେଙ୍ଗଠାରେ ବାଲୁଙ୍କେଶ୍ୱର ମନ୍ଦିର ଏବଂ ପୋଖରୀ ପୁନଃଉଦ୍ଧାର କାର୍ଯ୍ୟ
- ଦାରୁଠେଙ୍ଗଠାରେ ଓପନ ପାର୍କ ଓ ଜିମ୍ ନିର୍ମାଣ
- ଦାରୁଠେଙ୍ଗଠାରେ ଷ୍ଟାଡିୟମ ନିର୍ମାଣ
- ଦାରୁଠେଙ୍ଗଠାରେ ରାସ୍ତା, ଡ୍ରେନ୍ ସହିତ ସୋଲାର ଷ୍ଟ୍ରିଟ୍ ଲାଇଟ୍ କାର୍ଯ୍ୟ
- କଳିଙ୍ଗନଗର କେ-୪ ଅଞ୍ଚଳରେ ରାସ୍ତା ନିର୍ମାଣ, ୱାର୍ଡ଼ ନଂ-୨୩
- କଳିଙ୍ଗନଗର କେ-୮ ଅଞ୍ଚଳରେ, ରାସ୍ତା ଓ ଡ୍ରେନ୍ ନିର୍ମାଣ, ୱାର୍ଡ଼ ନଂ-୨୩

**ଶ୍ରୀମତୀ ମଞ୍ଜୁଲତା କହଁର**
ଡେପୁଟି ମେୟର, ବିଏମ୍ସି

**ଶ୍ରୀମତୀ ସୁଲୋଚନା ଦାସ**
ମେୟର, ବିଏମ୍ସି

ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା/ଅଧ୍ୟକ୍ଷ ଏବଂ କର୍ପୋରେଟରବୃନ୍ଦ

**ଭୁବନେଶ୍ୱର ମହାନଗର ନିଗମ**

ଜାତୀୟ ଚେତନା
JATIYA CHETANA

# କ୍ଷମତା ଆବଶ୍ୟକ

ଭାରତୀୟ ଗଣତନ୍ତ୍ରର ସବୁଠାରୁ ବଡ଼ ଶକ୍ତି ହେଉଛି ସମାନତା। ଆମ ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ କିମ୍ବା ଆର୍ଥିକ ସ୍ଥିତିର ଭେଦଭାବ ବିନା ସମାନ ଅଧିକାର ଓ ସମାନ ସୁଯୋଗ ପ୍ରଦାନ କରିଛି। ଏହି ସାମ୍ବିଧାନିକ ଆଦର୍ଶର ଆଧାରରେ ମହିଳାମାନେ ରାଜନୀତି ଓ ପ୍ରଶାସନରେ ସମାନ ଅଂଶଗ୍ରହଣର ଅଧିକାର ପାଇଛନ୍ତି। ପଞ୍ଚାୟତଠାରୁ ସଂସଦ ପର୍ଯ୍ୟନ୍ତ ସଂରକ୍ଷଣ ବ୍ୟବସ୍ଥା ମହିଳାଙ୍କୁ ନେତୃତ୍ୱର ଦ୍ୱାର ଖୋଲିଛି। କିନ୍ତୁ ପ୍ରଶ୍ନ ହେଉଛି ସାମ୍ବିଧାନିକ ଅଧିକାର ବାସ୍ତବରେ ପ୍ରକୃତ ନେତୃତ୍ୱରେ ପରିଣତ ହୋଇଛି, ନା କେବଳ ପଦବୀରେ ସୀମିତ ରହିଯାଇଛି। ଗତ କିଛି ଦଶନ୍ଧି ମଧ୍ୟରେ ଭାରତରେ ମହିଳାଙ୍କ ରାଜନୈତିକ ଉପସ୍ଥିତି ଉଲ୍ଲେଖନୀୟ ଭାବେ ବଢ଼ିଛି। ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀରୁ ଆରମ୍ଭ କରି କେନ୍ଦ୍ର ମନ୍ତ୍ରିମଣ୍ଡଳ, ରାଜ୍ୟ ସରକାର, ସଂସଦ, ବିଧାନସଭା ଓ ପ୍ରଶାସନିକ ସେବାରେ ଅନେକ ମହିଳା ନିଜ ଦକ୍ଷତା, ଦୂରଦୃଷ୍ଟି ଓ ନେତୃତ୍ୱର ପରିଚୟ ଦେଇଛନ୍ତି। ସେମାନେ ସ୍ପଷ୍ଟ କରିଛନ୍ତି ଯେ ନେତୃତ୍ୱର ମାପକାଠି ଲିଙ୍ଗ ନୁହେଁ ବରଂ ଯୋଗ୍ୟତା, ସତ୍ୟନିଷ୍ଠା, ନିଷ୍ପତ୍ତି ନେବାର କ୍ଷମତା ଓ ଜନସେବା ପ୍ରତି ଅଙ୍ଗୀକାର ହିଁ ପ୍ରକୃତ ପରିଚୟ।

କିନ୍ତୁ ଏହି ସଫଳତାର ଚିତ୍ର ସହ ଆଉ ଏକ ବାସ୍ତବତା ମଧ୍ୟ ଜଡ଼ିତ। ବିଶେଷକରି ପଞ୍ଚାୟତ ଓ ସହରାଞ୍ଚଳର ସ୍ଥାନୀୟ ସ୍ୱୟଂଶାସିତ ସଂସ୍ଥାଗୁଡ଼ିକରେ ଅନେକ ନିର୍ବାଚିତ ମହିଳା ପ୍ରତିନିଧି ଆଜି ମଧ୍ୟ ପ୍ରକୃତ କ୍ଷମତାରୁ ବଞ୍ଚିତ। ସେମାନେ କାଗଜକଲମରେ ସରପଞ୍ଚ, ସମିତି ସଭ୍ୟା କିମ୍ବା କାଉନସିଲର ହୋଇଥିଲେ ମଧ୍ୟ ବାସ୍ତବରେ ସମସ୍ତ ନିଷ୍ପତ୍ତି ସେମାନଙ୍କ ସ୍ୱାମୀ, ପରିବାରର ପୁରୁଷ ସଦସ୍ୟ କିମ୍ବା ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦ୍ୱାରା ନିଆଯାଉଛି। ଏପରି ପରିସ୍ଥିତିରେ ନିର୍ବାଚିତ ମହିଳା ଜଣକ କେବଳ ସରକାରୀ କାଗଜପତ୍ର, ଚେକ୍ କିମ୍ବା ବିଲ୍ ଉପରେ ଦସ୍ତଖତ କରିବା ଏବଂ କେତେକ ଆନୁଷ୍ଠାନିକ ସଭାସମିତିରେ ଯୋଗଦେବା ଭିତରେ ସୀମିତ ରହିଯାଉଛନ୍ତି। ଏହି ପ୍ରବୃତ୍ତି କେବଳ ଜଣେ ମହିଳାଙ୍କ ସାମ୍ବିଧାନିକ ଅଧିକାରର ହନନ ନୁହେଁ, ବରଂ ଗଣତନ୍ତ୍ରର ମୂଳ ଆଦର୍ଶ ପ୍ରତି ଏକ ଚ୍ୟାଲେଞ୍ଜ। ଜନସାଧାରଣ ଯେଉଁ ବ୍ୟକ୍ତିଙ୍କୁ ଭୋଟ ଦେଇ ନିର୍ବାଚିତ କରିଛନ୍ତି, ନିଷ୍ପତ୍ତି ନେବାର ଅଧିକାର ମଧ୍ୟ ସେହି ବ୍ୟକ୍ତିଙ୍କର ହେବା ଉଚିତ। ଅନ୍ୟ କୌଣସି ବ୍ୟକ୍ତି ସେହି କ୍ଷମତାର ବ୍ୟବହାର କରିବା ଗଣତାନ୍ତ୍ରିକ ମୂଲ୍ୟବୋଧ ସହ ସଙ୍ଗତିପୂର୍ଣ୍ଣ ନୁହେଁ। ସଂରକ୍ଷଣର ପ୍ରକୃତ ଉଦ୍ଦେଶ୍ୟ କେବଳ ଆସନ ସଂରକ୍ଷିତ କରିବା ନୁହେଁ ବରଂ ମହିଳାଙ୍କୁ ନେତୃତ୍ୱ, ନିଷ୍ପତ୍ତି ଓ ଶାସନର କେନ୍ଦ୍ରବିନ୍ଦୁରେ ପହଞ୍ଚାଇବା।

ବାସ୍ତବରେ ଆଜିର ମହିଳା ଶିକ୍ଷା, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ମହାକାଶ ଗବେଷଣା, ପ୍ରଶାସନ, ନ୍ୟାୟବ୍ୟବସ୍ଥା, ସେନାବାହିନୀ, କ୍ରୀଡ଼ା ଓ ଉଦ୍ୟୋଗ ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କ ସାମର୍ଥ୍ୟ ପ୍ରମାଣ କରିଛନ୍ତି। ରାଣୀ ଲକ୍ଷ୍ମୀବାଈଙ୍କ ବୀରତ୍ୱ, ସାବିତ୍ରୀବାଈ ଫୁଲେଙ୍କ ଶିକ୍ଷା ବିପ୍ଳବ, ମଦର ଟେରେସାଙ୍କ ମାନବସେବା, କଳ୍ପନା ଚାୱଲାଙ୍କ ମହାକାଶ ଯାତ୍ରାଠାରୁ ଆରମ୍ଭ କରି ଆଜିର ଭାରତୀୟ ମହିଳା ବିଜ୍ଞାନୀ, ପ୍ରଶାସକ ଓ ସୈନିକଙ୍କ ସଫଳତା ପର୍ଯ୍ୟନ୍ତ ସବୁଠି ନାରୀ ନିଜର ଯୋଗ୍ୟତାର ପ୍ରମାଣ ଦେଇଛନ୍ତି। ତେବେ ସ୍ଥାନୀୟ ଶାସନ ବ୍ୟବସ୍ଥାରେ ସେମାନଙ୍କୁ କାହିଁକି କେବଳ ପ୍ରତୀକାତ୍ମକ ପ୍ରତିନିଧି ଭାବେ ରଖାଯିବ? ନିଶ୍ଚିତ ଭାବରେ ସମସ୍ତ ସ୍ଥାନରେ ଚିତ୍ର ନକାରାତ୍ମକ ନୁହେଁ। ଅନେକ ମହିଳା ସରପଞ୍ଚ, କାଉନସିଲର ଓ ଜନପ୍ରତିନିଧି ନିଜର ଦକ୍ଷତା ଓ ସ୍ୱାଧୀନ ନେତୃତ୍ୱ ମାଧ୍ୟମରେ ଉନ୍ନୟନର ନୂଆ ଉଦାହରଣ ସୃଷ୍ଟି କରିଛନ୍ତି। ସେମାନଙ୍କ ସଫଳତା ପ୍ରମାଣ କରୁଛି ଯେ ସୁଯୋଗ, ପ୍ରଶିକ୍ଷଣ ଓ ସାମାଜିକ ସହଯୋଗ ମିଳିଲେ ମହିଳାମାନେ ଯେକୌଣସି ଦାୟିତ୍ୱକୁ ସଫଳତାର ସହ ତୁଲାଇପାରନ୍ତି। ତେଣୁ ସମସ୍ୟା ମହିଳାଙ୍କ କ୍ଷମତାରେ ନୁହେଁ, ସମସ୍ୟା ରହିଛି ସମାଜର କିଛି ଅଂଶର ପୁରୁଷକେନ୍ଦ୍ରିକ ମାନସିକତାରେ। ସରକାର ମହିଳା ସଶକ୍ତୀକରଣ ପାଇଁ ସଂରକ୍ଷଣ, ପ୍ରଶିକ୍ଷଣ, ସ୍ୱୟଂସହାୟକ ଗୋଷ୍ଠୀ ଓ ବିଭିନ୍ନ କଲ୍ୟାଣମୂଳକ ଯୋଜନା ଆରମ୍ଭ କରିଛନ୍ତି। କିନ୍ତୁ କେବଳ ଆଇନ ପ୍ରଣୟନ କରିଦେଲେ ଯଥେଷ୍ଟ ନୁହେଁ। ଆବଶ୍ୟକ ସାମାଜିକ ଚିନ୍ତାଧାରାର ପରିବର୍ତ୍ତନ। ପରିବାର ମହିଳାଙ୍କ ଉପରେ ଆସ୍ଥା ରଖୁ, ସମାଜ ସେମାନଙ୍କ ନିଷ୍ପତ୍ତିକୁ ସମ୍ମାନ କରୁ ଏବଂ ପ୍ରଶାସନ ସେମାନଙ୍କୁ ସ୍ୱାଧୀନ ଭାବେ କାମ କରିବାର ସୁରକ୍ଷିତ ପରିବେଶ ସୃଷ୍ଟି କରୁ। ପୁରୁଷମାନେ ସେମାନଙ୍କ ଅଧିକାରର ପ୍ରତିନିଧି ନୁହେଁ, ବରଂ ସହଯୋଗୀ ହେବା ହିଁ ସମୟର ଆବଶ୍ୟକତା। ଏପରି ପରିସ୍ଥିତି କେବଳ ମହିଳାଙ୍କ ଅଧିକାରର ଅବମାନନା ନୁହେଁ, ବରଂ ଗଣତନ୍ତ୍ରର ମୂଳ ଆଦର୍ଶ ପ୍ରତି ଏକ ପ୍ରଶ୍ନଚିହ୍ନ। ଜନତା ଯେଉଁ ବ୍ୟକ୍ତିଙ୍କୁ ଭୋଟ ଦେଇ ନିର୍ବାଚିତ କରିଛନ୍ତି, ଦାୟିତ୍ୱ ପାଳନ କରିବାର ଅଧିକାର ମଧ୍ୟ ସେହି ବ୍ୟକ୍ତିଙ୍କର ହେବା ଉଚିତ। ଅନ୍ୟ କେହି ସେହି କ୍ଷମତାକୁ ବ୍ୟବହାର କରିବା ଗଣତାନ୍ତ୍ରିକ ମୂଲ୍ୟବୋଧ ସହ ସଙ୍ଗତିପୂର୍ଣ୍ଣ ନୁହେଁ। ବାସ୍ତବରେ ଅନେକ ମହିଳା ଶିକ୍ଷିତ, ସଚେତନ ଓ ନେତୃତ୍ୱ ଦେବାରେ ସମର୍ଥ। ସେମାନଙ୍କ ପାଖରେ ଲୋକଙ୍କ ସମସ୍ୟା ବୁଝିବାର କ୍ଷମତା, ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରିବାର ଦକ୍ଷତା ଏବଂ ସମାଜକୁ ଆଗକୁ ନେବାର ଇଚ୍ଛାଶକ୍ତି ଅଛି। ଆବଶ୍ୟକ କେବଳ ପରିବାର, ସମାଜ ଓ ପ୍ରଶାସନର ସହଯୋଗ। ସୁଯୋଗ ମିଳିଲେ ସେମାନେ ନିଶ୍ଚିତ ଭାବେ ନିଜର ଯୋଗ୍ୟତା ପ୍ରମାଣ କରିପାରିବେ। ଏକ ବିକଶିତ, ସମୃଦ୍ଧ ଓ ସଶକ୍ତ ଭାରତର ସ୍ୱପ୍ନ ସେତେବେଳେ ସାକାର ହେବ, ଯେତେବେଳେ ମହିଳାଙ୍କୁ କେବଳ ପଦବୀ ନୁହେଁ, ପ୍ରକୃତ ଅଧିକାର, ନିଷ୍ପତ୍ତି ନେବାର ସ୍ୱାଧୀନତା ଓ ନେତୃତ୍ୱର ସମ୍ମାନ ମିଳିବ। ନିର୍ବାଚିତ ମହିଳା ପ୍ରତିନିଧିଙ୍କୁ ସ୍ୱାଧୀନ ଭାବେ କାମ କରିବାକୁ ଦେବା କେବଳ ସେମାନଙ୍କ ପ୍ରତି ସମ୍ମାନ ନୁହେଁ ବରଂ ଭାରତୀୟ ସମ୍ବିଧାନ ଓ ଗଣତନ୍ତ୍ର ପ୍ରତି ପ୍ରକୃତ ସମ୍ମାନ। ନାରୀ ଓ ପୁରୁଷଙ୍କ ସମାନ ଅଂଶଗ୍ରହଣରେ ହିଁ ଗଢ଼ିଉଠିବ ଏକ ନ୍ୟାୟଭିତ୍ତିକ, ପ୍ରଗତିଶୀଳ ଓ ସମୃଦ୍ଧ ଭାରତ।

# ପୁରାଣର ସୁରାରୁ ଆଜିର ଇ୨୦

ଝରଣା ରାଣୀ ଜେନା

ଆମ ପୁରାଣରେ ଦେବଲୋକରେ ଆନନ୍ଦ ଅନୁଭବ ପାଇଁ ସୁରା ପାନକରିବା କଥା ଉଲ୍ଲେଖ ଅଛି। ଉକ୍ତ ସୁରା ବା ମଦ୍ୟ ଅନ୍ୟ କିଛି ନୁହେଁ, ବରଂ ବିଜ୍ଞାନ ଆଖିରେ ଏହା ଇଥାଇଲ୍ ଆଲ୍‌କହଲ ବା ଇଥାନଲ୍ ମିଶ୍ରିତ ପାନୀୟ ଅଟେ। ତେଣୁ ମଣିଷ ଇଥାନଲ ଆବିଷ୍କାର କେଉଁ ଅନାଦି କାଳରୁ କରିସାରିଛି। ଏହି ତରଳ ପଦାର୍ଥ ଆଜି ମଣିଷକୁ ତା'ର ଶକ୍ତି ଚାହିଦା ମେଣ୍ଟାଇବା ପାଇଁ ବିନିଯୋଗ ହେଉଛି। ଅବଶ୍ୟ ଆଖୁରସକୁ ଅନେକ ଦିନ ରଖିବା ଦ୍ୱାରା ଇଷ୍ଟ ଯୋଗୁ ଫର୍ମେଣ୍ଟେସନ ହୋଇ ଶର୍କରା ଆଲ୍‌କହଲରେ ପରିଣତ ହୋଇଥାଏ, ଯାହା ମଣିଷ ଅନେକ ଦିନ ପରେ ଜାଣିଲା। ସେଥିପାଇଁ ଆଲ୍‌କହଲ ପ୍ରସ୍ତୁତି ପ୍ରଣାଳୀକୁ ମଣିଷର ପ୍ରଥମ ରାସାୟନିକ ଜୈବ ପ୍ରଯୁକ୍ତିବିଦ୍ୟା ଭାବରେ ବିବେଚନା କରାଯାଏ। ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଅନୁସାରେ ତେର ହଜାର ବର୍ଷ ପୂର୍ବେ ଇସ୍ରାଏଲର ହାଇଫା ନିକଟରେ ମଦ୍ୟପାନ ପ୍ରସ୍ତୁତ ହେଉଥିବାକୁ ସୂଚାଇଥାଏ, ଯାହା ମଣିଷ ଏବଂ ଇଥାନଲ ମଧ୍ୟରେ ପ୍ରାମାଣିକ ସମ୍ପର୍କର ଆରମ୍ଭ ଥିଲା। ଏହା ଭିତରେ ଥିବା ବିଜ୍ଞାନ ବିଷୟରେ ବିଶେଷ କିଛି ନ ଜାଣି ମଧ୍ୟ ପ୍ରାଚୀନ କାଳରେ ଉପଯୁକ୍ତ ପରିସ୍ଥିତିରେ ଶସ୍ୟ କିମ୍ବା ଫଳରେ ଥିବା ଶର୍କରାକୁ ଏକ ରହସ୍ୟମୟ ମାଦକ ପାନୀୟରେ ପରିଣତ କରିବାର ସଙ୍କେତ ମଣିଷ ଜାଣିବାକୁ ପାଇଥିଲା। ଏହି ପାନୀୟ ଜ୍ୱଳନଶୀଳ ହୋଇଥିବାରୁ ଏହା ମଧ୍ୟରେ କୌଣସି ଅତି ବାଷ୍ପୀୟ ପଦାର୍ଥ ଅଛି ବୋଲି ପ୍ରାଚୀନ ସମୟର ଦାର୍ଶନିକମାନେ ଜାଣିସାରିଥିଲେ। ରାସାୟନ ବିଜ୍ଞାନର ଜନକ ପର୍ସିଆନ ରସାୟନବିତ୍ ଜାବିର ଇବନ୍ ହାୟାନ୍ ପ୍ରଥମକରି ମଦ୍ୟ ପାନୀୟକୁ ଗରମକରି ଇଥାନଲ୍‌ର ଏକ ଅଧିକ ଘନୀଭୂତ ରୂପ ପ୍ରସ୍ତୁତ କରିପାରିଥିଲେ।

ଇତିହାସରୁ ଜଣାପଡ଼େ ଯେ, ଇଥାନଲ୍ ?ର ପ୍ରଥମ ବ୍ୟବହାର ଅଠର ଶହ ଛବିଶ ମସିହାରେ ଇଞ୍ଜିନକୁ ଶକ୍ତିଦେବା ପାଇଁ ହୋଇଥିଲା। ଅଠର ଶହ ଛୟାଅସ୍ତର ମସିହାରେ ଆଧୁନିକ ଚାରିଚକ୍ର ଆଭ୍ୟନ୍ତରୀଣ ଦହନ ଇଞ୍ଜିନର ଉଦ୍ଭାବକ ନିକୋଲାସ୍ ଓଟୋ ଏକ ପ୍ରାରମ୍ଭିକ ଇଞ୍ଜିନକୁ ଶକ୍ତିଦେବା ପାଇଁ ଇଥାନଲ୍ ବ୍ୟବହାର କରିଥିଲେ। ଅଠର ଶହ ପଚାଶ ଦଶକରେ ଇଥାନଲ୍‌କୁ ଆଲୋକ ଇନ୍ଧନ ଭାବରେ ମଧ୍ୟ ବ୍ୟବହାର କରାଯାଉଥିଲା, କିନ୍ତୁ ଗୃହଯୁଦ୍ଧ ପାଇଁ ଏହା ଉପରେ ମଦ ଭଳି ଟିକସ ଲଗାଯିବା ପରେ ଏହାର ବ୍ୟବହାର ହ୍ରାସ ପାଇଥିଲା। ଟିକସ ବାତିଲହେବା ପରେ ଇଥାନଲ୍‌ର ବ୍ୟବହାର ଇନ୍ଧନ ଭାବରେ ଜାରି ରହିଲା ଏବଂ ଅଗଣିତ ବର୍ଷ ପୂର୍ବେ ହେନ୍‌ରି ଫୋର୍ଡଙ୍କ ବହୁଚର୍ଚ୍ଚିତ ମଡେଲ କାରର ଇନ୍ଧନ ଭାବେ ମଧ୍ୟ ବ୍ୟବହାର ହୋଇଥିଲା। ପେଟ୍ରୋଲ ଭଳି ଇଥାନଲ ଅତି ଜ୍ୱଳନଶୀଳ ହେବା ସହ ଉଭୟ କାର୍ବନ, ଅମ୍ଳଜାନ ଓ ହାଇଡ୍ରୋଜେନ୍‌ରେ ତିଆରି ହୋଇଥିବାରୁ ଉଭୟ ଭଲ ଭାବରେ ମିଶିପାରନ୍ତି। ପେଟ୍ରୋଲ ସହ ମିଶ୍ରିତ ପ୍ରଥମ ଇଥାନଲ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ହୋଇଥିଲା ଏବଂ ଇନ୍ଧନ ଅଭାବ ଯୋଗୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହାର ଚାହିଦା ଅଧିକ ଥିଲା। ତୈଳ ଅଭାବ ଓ ଚାହିଦା ମେଣ୍ଟାଇବା ପାଇଁ ଏକ ଶତାବ୍ଦୀ ପୂର୍ବରୁ ପେଟ୍ରୋଲ ସହ ଇଥାନଲ୍‌କୁ ମିଶ୍ରିତ କରିବା ଆରମ୍ଭ ହୋଇଛି। ଏଗାର ଶହ ତେସ୍ତରୀ ମସିହାରେ ବୈଶ୍ୱିକ ତୈଳ ସଙ୍କଟର ସାମ୍ନାକରିବା ପାଇଁ ବ୍ରାଜିଲ ପେଟ୍ରୋଲ ସହ ଆଖୁରସ ତିଆରି ଇଥାନଲ ମିଶାଇବାକୁ ବାଧ୍ୟତାମୂଳକ କରିଥିଲା। ବିଂଶ ଶତାବ୍ଦୀର ଶେଷ ଭାଗରେ ଆମେରିକା ପରି ଦେଶ ମଧ୍ୟ ଦଶ ପ୍ରତିଶତ ଇଥାନଲ ମିଶାଇବା ଆରମ୍ଭ କରିଥିଲେ। ବର୍ତ୍ତମାନ ବ୍ରାଜିଲରେ ଅଧିକ ପ୍ରତିଶତ ପର୍ଯ୍ୟନ୍ତ ଏହା ରହିଥିବା ବେଳେ କାନାଡ଼ା, ପାରାଗୁଏ, ଥାଇଲାଣ୍ଡ ଏବଂ ଆମେରିକା ପରି ଦେଶଗୁଡ଼ିକ ମଧ୍ୟ ଏହାର ବ୍ୟବହାର ଆରମ୍ଭ କରିସାରିଛନ୍ତି।

ଏବେ ସାରା ଭାରତରେ ବିଶେଷ କରି କୋଡ଼ିଏ ପ୍ରତିଶତ ଇଥାନଲ ମିଶ୍ରିତ ପେଟ୍ରୋଲକୁ ନେଇ ବ୍ୟାପକ ଚର୍ଚ୍ଚା ଜାରି ରହିଛି। ତେବେ ଭାରତ କ'ଣ ପାଇଁ ଏହି ପଦକ୍ଷେପ ନେଲା ତାହା ବୁଝିବା ଅତ୍ୟନ୍ତ ଜରୁରୀ ଅଟେ। ସୂଚନାଯୋଗ୍ୟ ଯେ, ଏକଚାଳିଶ ବର୍ଷ ପୂର୍ବେ ଅର୍ଥାତ୍ ଏକୋଇଶ ଶତାବ୍ଦୀର ଆରମ୍ଭରେ ଇଥାନଲ୍ ମିଶ୍ରଣ ପାଇଁ ଭାରତ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରିଥିଲା ଏବଂ ତା' ପରବର୍ତ୍ତୀ ସମୟରେ ଶକ୍ତି ସୁରକ୍ଷା ବୃଦ୍ଧିକରିବା ଏବଂ ଅଶୋଧିତ ତୈଳ ଆମଦାନୀ ହ୍ରାସକରିବା ପାଇଁ ଆନୁଷ୍ଠାନିକ ଭାବରେ ଇଥାନଲ୍ ମିଶ୍ରିତ ପେଟ୍ରୋଲ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଭାରତ ନିର୍ଦ୍ଧାରିତ ମୂଳ ସମୟସୀମାଠାରୁ ପାଞ୍ଚ ବର୍ଷ ପୂର୍ବରୁ କୋଡ଼ିଏ ପ୍ରତିଶତ ଇଥାନଲ୍ ମିଶ୍ରଣ ଲକ୍ଷ୍ୟ ସଫଳତାର ସହ ହାସଲ କରିଛି ଏବଂ ଦେଶରେ ବିକ୍ରି ହେଉଥିବା ସମସ୍ତ ପେଟ୍ରୋଲରେ ଏହି ମିଶ୍ରଣ ଅନ୍ତର୍ଭୁକ୍ତ ହୋଇସାରିଛି। ଭାରତକୁ ଏହାର କାର୍ବନ ଅର୍ଥନୀତିକୁ ଦୁଇ ହଜାର ତିରିଶ ସୁଦ୍ଧା ଦୁଇ ହଜାର ପାଞ୍ଚ ସ୍ତର ତୁଳନାରେ ସର୍ବନିମ୍ନ ପଞ୍ଚଚାଳିଶ ପ୍ରତିଶତକୁ ହ୍ରାସକରିବା ପାଇଁ ନେଇଥିବା ସଂକଳ୍ପ ବିଭିନ୍ନ ଆନ୍ତର୍ଜାତୀୟ ସମ୍ମିଳନୀ ତଥା ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ଏହାର ଅର୍ଥ ହେଉଛି, ନିର୍ଦ୍ଧାରିତ ସମୟ ସୁଦ୍ଧା ଭାରତର ଶକ୍ତି ଆବଶ୍ୟକତାର ପଚାଶ ପ୍ରତିଶତ ନବୀକରଣୀୟ ଶକ୍ତିରୁ ଆସିବାକୁ ପଡ଼ିବ।

ଏହି ଉଦ୍ଦେଶ୍ୟରେ ଭାରତ ସରକାର ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ଗ୍ରହଣ କରିଥିଲେ। ଭାରତର ବିଶାଳ ଅଶୋଧିତ ତୈଳ ଆମଦାନୀ ପାଇଁ ବିଦେଶ ଉପରେ ନିର୍ଭରଶୀଳତା କମ୍ କରିବା ସହ ବିପୁଳ ବିଦେଶ ମୁଦ୍ରା ସଞ୍ଚୟ କରିବା ଏବଂ ଆମଦାନୀ ପାଇଁ ଖର୍ଚ୍ଚ ରାଶିକୁ ଇଥାନଲ କିଣିବା ଲାଗି ବ୍ୟବହାରକରିବା ଦ୍ୱାରା ଦେଶର ଚାଷୀ ଓ ଉଦ୍ୟୋଗକୁ ବହୁଭାବରେ ଲାଭାନ୍ୱିତ କରାଯାଇପାରିଛି। ଏହାଦ୍ୱାରା ବିପୁଳ ପରିମାଣର ଟଙ୍କା ସଞ୍ଚୟ ହୋଇ ଦେଶର ଚାଷୀ ଓ ଉଦ୍ୟୋଗୀମାନେ ଲାଭାନ୍ୱିତ ହୋଇଛନ୍ତି ଏବଂ ବହୁ ପରିମାଣର ଅଶୋଧିତ ତୈଳ ଆମଦାନୀ କରିବାକୁ ପଡ଼ି ନାହିଁ ବୋଲି ଆକଳନ କରାଯାଉଛି। ଅଟୋମେକରମାନଙ୍କ ଅନୁସାରେ ଏହି ସ୍ୱଚ୍ଛ ଇନ୍ଧନ ବାହନ ପାଇଁ ସମ୍ପୂର୍ଣ୍ଣ ଭାବରେ ନିରାପଦ ଅଟେ, ଯଦିଓ ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ କିଛି ମାତ୍ରାରେ ଚର୍ଚ୍ଚା ହୋଇଥାଏ।

ଭାରତୀୟ ଅଟୋମୋଟିଭ୍ ରିସର୍ଚ୍ଚ ଆସୋସିଏସନର ଗବେଷଣା ଅନୁସାରେ ଏହି ଇନ୍ଧନ ଦକ୍ଷତାରେ ସାମାନ୍ୟ ମାଇଲେଜ ହ୍ରାସ ହୋଇପାରେ, ଯାହା ଆମର ନିତିଦିନିଆ ଡ୍ରାଇଭିଂ ଅଭ୍ୟାସ ଦ୍ୱାରା ମଧ୍ୟ ସାଧାରଣ ଭାବରେ ଘଟିଥାଏ। ଅଟୋମେକରମାନେ ଏଯାଏ ଇଞ୍ଜିନର କୌଣସି ଗୁରୁତରକ୍ଷତିର ପ୍ରମାଣ ପାଇନାହାନ୍ତି, ଯଦିଓ ସେମାନେ ସ୍ୱୀକାର କରନ୍ତି ଯେ ପୁରୁଣା ଯାନଗୁଡ଼ିକରେ ରବର ଏବଂ ଇନ୍ଧନ ପ୍ରଣାଳୀର ଅଂଶ ନିୟମିତ ଏହି ଇନ୍ଧନ ବ୍ୟବହାର ଦ୍ୱାରା ପ୍ରଭାବିତ ହୋଇପାରେ। ଭବିଷ୍ୟତରେ ଯାନଗୁଡ଼ିକ ଅଧିକ ଉପଯୁକ୍ତ ହେବ ଏଥିରେ କୌଣସି ସନ୍ଦେହ ନାହିଁ। ତେଣୁ ଦେଶର ବୃହତ୍ ସ୍ୱାର୍ଥ ଓ ବିଦେଶୀ ତୈଳ ଉପରେ ନିର୍ଭରଶୀଳତା କମାଇବା ପାଇଁ ଦେଶର ପ୍ରତ୍ୟେକ ନାଗରିକ ସହଯୋଗ କରିବା ଏକାନ୍ତ ଆବଶ୍ୟକ। ଦେଶ ହିତରେ ଆମ ସମସ୍ତେ ଏହି ଇନ୍ଧନକୁ ସ୍ୱାଗତ କରି ଗ୍ରହଣ କରିନେବା ସମ୍ପୂର୍ଣ୍ଣ ଉଚିତ ଅଟେ।

ସାମ୍ପ୍ରତିକ ପରିସ୍ଥିତିରେ ଜୈବ-ଇନ୍ଧନର ମହତ୍ତ୍ୱ କେବଳ ପରିବେଶ ସୁରକ୍ଷା ମଧ୍ୟରେ ସୀମିତ ନ ହୋଇ ଗ୍ରାମୀଣ ଅର୍ଥନୀତିର ଦୃଢ଼ୀକରଣ ପାଇଁ ଏକ ମୁଖ୍ୟ ଉତ୍ସ ସାଜିଛି। ଆମ ଦେଶର ଚାଷୀମାନେ ପୂର୍ବରୁ ଆଖୁ ଓ ବଳକା ଶସ୍ୟର ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଥିଲେ। କିନ୍ତୁ ଇଥାନଲ ଉତ୍ପାଦନ ନୀତି କାର୍ଯ୍ୟକାରୀ ହେବା ପରଠାରୁ କୃଷିଜାତ ପ୍ରତିକୂଳ ବଳକା ସାମଗ୍ରୀର ସଠିକ୍ ବିନିଯୋଗ ହୋଇପାରୁଛି। ଏହାଦ୍ୱାରା କୃଷକମାନଙ୍କୁ ସିଧାସଳଖ ଆର୍ଥିକ ଲାଭ ମିଳିବା ସହ ସେମାନଙ୍କ ଆୟରେ ପ୍ରତ୍ୟକ୍ଷ ବୃଦ୍ଧି ଘଟୁଛି।

ଦେଶ ମଧ୍ୟରେ ଇଥାନଲ ପ୍ରସ୍ତୁତ ହେବା ଫଳରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ନୂତନ ପ୍ରକଳ୍ପ ଏବଂ ଜୈବ-ସଂଶୋଧନାଗାର ସ୍ଥାପିତ ହେଉଛି। ଏହି ଶିଳ୍ପଗୁଡ଼ିକ ବିପୁଳ ପରିମାଣରେ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛନ୍ତି, ଯାହା ସ୍ଥାନୀୟ ଯୁବପିଢ଼ିଙ୍କ ପାଇଁ କର୍ମସଂସ୍ଥାନର ସୂତ୍ର ସାଜିଛି। ଏହା ବ୍ୟତୀତ ସ୍ୱଚ୍ଛ ଇନ୍ଧନର ବ୍ୟବହାର ଦ୍ୱାରା ସହରଗୁଡ଼ିକରେ ବାୟୁ ପ୍ରଦୂଷଣ ସ୍ତର ଯଥେଷ୍ଟ ହ୍ରାସ ପାଇବାରେ ସାହାଯ୍ୟ ହେଉଛି। ବିଶେଷ କରି କାର୍ବନ ନିର୍ଗମନ କମିବା ଦ୍ୱାରା ଜଳବାୟୁ ପରିବର୍ତ୍ତନର କୁପ୍ରଭାବକୁ କିଛି ମାତ୍ରାରେ ରୋକାଯାଇ ପାରୁଛି।

ଅଟୋମୋବାଇଲ କ୍ଷେତ୍ରରେ ମଧ୍ୟ ଏହି ପରିବର୍ତ୍ତନ ଏକ ନୂତନ ବୈଷୟିକ ପ୍ରଯୁକ୍ତିବିଦ୍ୟାର ବିକାଶ ଆଣିଦେଇଛି। ନୂତନ ଗାଡ଼ିଗୁଡ଼ିକର ଇଞ୍ଜିନ ପ୍ରଣାଳୀକୁ ଅଧିକ କାର୍ଯ୍ୟକ୍ଷମ ଏବଂ ଇଥାନଲ-ଅନୁକୂଳ କରିବା ପାଇଁ ବୈଜ୍ଞାନିକ ଓ ଇଞ୍ଜିନିୟରମାନେ ନିରନ୍ତର ଗବେଷଣା ଜାରି ରଖିଛନ୍ତି। ଭବିଷ୍ୟତରେ କେବଳ କୋଡ଼ିଏ ପ୍ରତିଶତ ନୁହେଁ, ବରଂ ଶତପ୍ରତିଶତ ଜୈବ-ଇନ୍ଧନରେ ଚାଲିପାରୁଥିବା ଗାଡ଼ିଗୁଡ଼ିକ ବଜାରକୁ ଆସିବା ପାଇଁ ବାଟ ପରିଷ୍କାର ହେଉଛି। ଦେଶର ନାଗରିକ ଭାବେ ଆମ ସମସ୍ତଙ୍କର କର୍ତ୍ତବ୍ୟ ହେଉଛି ଏହି ଜାତୀୟ ପ୍ରଚେଷ୍ଟାକୁ ସମ୍ପୂର୍ଣ୍ଣ ସହଯୋଗ କରିବା। ଗଣମାଧ୍ୟମରେ ପ୍ରଚାରିତ ହେଉଥିବା ବିଭିନ୍ନ ଅପପ୍ରଚାର ଓ ଗୁଜବରୁ ଦୂରେଇ ରହି ଏହାର ଦୀର୍ଘମାଦୀ ସୁଫଳକୁ ବୁଝିବାକୁ ହେବ। ବିଦେଶୀ ତୈଳ ସଙ୍କଟ ଓ ନିର୍ଭରଶୀଳତାରୁ ମୁକ୍ତି ପାଇବା ପାଇଁ ସ୍ୱଦେଶୀ ଜୈବ-ଇନ୍ଧନ ହିଁ ଶ୍ରେଷ୍ଠ ବିକଳ୍ପ। ଏହି ପଦକ୍ଷେପ ଆମ ଦେଶକୁ ଆଗାମୀ ଦିନରେ ଶକ୍ତି କ୍ଷେତ୍ରରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ କରିବା ସହ ଏକ ସବୁଜ ଓ ସୁସ୍ଥ ଭବିଷ୍ୟତ ଗଠନରେ ମୂଳଦୁଆ ସାଜିବ।

ଜାତୀୟ ଚେତନା
JATIYA CHETANA



# ଗୋପାଳ ଚନ୍ଦ୍ର ତ୍ରିପାଠୀଙ୍କ ବିୟୋଗରେ ଶୋକ

ଭୁବନେଶ୍ୱର,(ଜା.ପ୍ର): ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ତଥା ମହାରାଷ୍ଟ୍ରର ପୂର୍ବତନ ଗୃହ ସଚିବ ଗୋପାଳ ଚନ୍ଦ୍ର ତ୍ରିପାଠୀଙ୍କର ଗତକାଲି ଅପରାହ୍ନ ୪.୪୫ ସମୟରେ ପରଲୋକ ହୋଇଯାଇଛି। ନବି ମୁମ୍ବାଇସ୍ଥ ନେରୁଲ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିବା ବେଳେ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପତ୍ନୀ ଓ ଦୁଇ କନ୍ୟା ଉପସ୍ଥିତ ଥିଲେ। ସ୍ୱର୍ଗତ ତ୍ରିପାଠୀ ମହାରାଷ୍ଟ୍ରରେ ପ୍ରବାସୀ ଓଡ଼ିଆ ମାନଙ୍କ ସଖା ଥିଲେ। ପ୍ରବାସୀ ଓଡ଼ିଆଙ୍କ ବହୁବିଧ ସମସ୍ୟାରେ ତାଙ୍କର ପରାମର୍ଶ ଓ



ସହଯୋଗ ସହଭାଗୀର ଭୂମିକା ନିର୍ବାହ କରୁଥିଲା। ଟାଟା କ୍ୟାନସର ହସପିଟାଲରେ ଚିକିତ୍ସା ପାଇଁ ଓଡ଼ିଶାରୁ ଯାଉଥିବା ରୋଗୀମାନଙ୍କର ସୁବିଧା ପାଇଁ ସେ ତତ୍ପର ଥିଲେ। ୧୯୯୯ ମସିହା ମହାବାତ୍ୟା ସମୟରେ ସ୍ୱର୍ଗତ ତ୍ରିପାଠୀଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ସରକାରୀ ସେବାରେ ଥିଲେ ମଧ୍ୟ ସେ ଏକାଧାରରେ ସୃଜନଶୀଳ କବି, ଲେଖକ, କଳାକାର ଓ ନାଟ୍ୟ ନିର୍ଦ୍ଦେଶକ ଭାବେ ଅଲିଭା ସାଂସ୍କୃତିକ ଛାପ ଛାଡ଼ିଛନ୍ତି। ତାଙ୍କ ବିୟୋଗରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସାଂସଦ ସଂତୃପ୍ତ ମିଶ୍ର, ଡା. ପ୍ରଶାନ୍ତ ମହାନ୍ତି, ଅରୂପ ପଟ୍ଟନାୟକ, ଡା. ରମାକାନ୍ତ ପଣ୍ଡା, ବିଶ୍ୱ ଓଡ଼ିଆ ମହାସଂଘ ସଭାପତି ଡଃ ସୁରେନ୍ଦ୍ର ମହାପାତ୍ର, ଡା. ବସନ୍ତ ମିଶ୍ର, ଡ. ହରିଶ ମହାନ୍ତି, ଡଃ ଦେବ ମହାନ୍ତି, ଡଃ ବିପିନ ମିଶ୍ର, ରଞ୍ଜନ ରାୟ, ଅରବିନ୍ଦ ଯତି, କମଳା ଶତପଥୀ, କବିତା ମିଶ୍ର, ମୀନା ବରାଳ, ବିଜୟ ମିଶ୍ର, ରାମପ୍ରସାଦ ମୁଦୁଲି, ଭଗ୍ୱାନ ପଣ୍ଡା, ଭଗ୍ୱାନ ସାବତ, ବିଭୂତି ରଥ, ବିରଞ୍ଚି ନାରାୟଣ ମିଶ୍ର, ଜ୍ଞାନ ମହାପାତ୍ର, ଆଲୋକ ରଥ, ରିତେଶ ମିଶ୍ର, ପ୍ରୀତିସନ୍ଧ୍ୟା ରାୟ, ବେଣୁଧର ବିଶ୍ୱାଳ, ସୂର୍ଯ୍ୟନାରାୟଣ ଗୌଡା ଓ ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ଶୋକ ପ୍ରକାଶ କରିଥିବା ବେଳେ ଅଗଣିତ ପ୍ରବାସୀ ଓଡ଼ିଆଙ୍କ ମଧ୍ୟରେ ଶୋକର ଛାୟା ଖେଳି ଯାଇଛି । ବିଦେଶ ପ୍ରବାସରେ ଥିବା ପୁତ୍ର ପହଞ୍ଚିବା ପହଞ୍ଚିବା ପରେ ୩୧ ତାରିଖ ଦିନ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ପତ୍ନୀ-ସନ୍ତାନଙ୍କୁ ଭରଣପୋଷଣ ନଦେଲେ କଟିବ ଦରମା

## ସରକାରୀ କର୍ମଚାରୀଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ କଡ଼ା ନିର୍ଦ୍ଦେଶ

ଭୁବନେଶ୍ୱର,(ଜା.ପ୍ର): ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସ୍ୱାମୀଙ୍କ ଠାରୁ ଭରଣପୋଷଣ ସହାୟତା ପାଉ ନଥିବା ମହିଳା ଓ ସନ୍ତାନସନ୍ତତିଙ୍କ ପାଇଁ ରାଜ୍ୟ ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି। ଏଭଳି ଅବହେଳା କରୁଥିବା ପୁରୁଷ ସରକାରୀ କର୍ମଚାରୀଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସମ୍ପୃକ୍ତ କର୍ମଚାରୀଙ୍କ ଦରମାରୁ ସିଧାସଳଖ ଟଙ୍କା କାଟି ପତ୍ନୀ କିମ୍ବା ସନ୍ତାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ଅନେକ ପୁରୁଷ କର୍ମଚାରୀ ସେମାନଙ୍କ ସ୍ତ୍ରୀ ବା ସନ୍ତାନସନ୍ତତିଙ୍କୁ ଭରଣପୋଷଣ ସହାୟତା ଏବଂ ଛାଡ଼ପତ୍ର ସମ୍ପର୍କିତ ପୋଷଣ ଖର୍ଚ୍ଚ ଦେବାରେ ଅବହେଳା କରୁଛନ୍ତି। ବିଭିନ୍ନ ଅଦାଲତର ସ୍ପଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ସେମାନେ ଏହା କରୁ ନଥିବା ବେଳେ, ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟେକ ଅଭିଯୋଗ ଶୁଣାଣି ସମୟରେ ଏଭଳି ହାରାହାରି ୨ରୁ ୩ଟି ମାମଲା ଅଭିଯୋଗ ପ୍ରକୋଷ୍ଠକୁ ଆସୁଥିଲା। ଏହାକୁ ଗମ୍ଭୀରତାର ସହ ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ସରକାରୀ କର୍ମଚାରୀ ହୋଇ ଅଦାଲତଙ୍କ ଅବମାନନା କରିବା ଏବଂ ପତ୍ନୀ ଓ ପିଲାଙ୍କ ପ୍ରତି ଅବିଚାର କରିବା ଆଦୌ ଗ୍ରହଣୀୟ ନୁହେଁ।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ନୂଆ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ନିୟମ ଅନୁସାରେ ଭରଣପୋଷଣ ପ୍ରଦାନ ପାଇଁ ଅଦାଲତଙ୍କ ନିର୍ଦ୍ଦେଶନାମା ପାଇବା ପରେ ବିଭାଗୀୟ ଆହରଣ ଓ ସଂବିତରଣ ଅଧିକାରୀ (ଡିଡିଓ) ସମ୍ପୃକ୍ତ ସରକାରୀ କର୍ମଚାରୀଙ୍କ ମାସିକ ଦରମା ବିଲ୍ ପ୍ରସ୍ତୁତ କରିବା ସମୟରେ ଅଦାଲତ ନିର୍ଦ୍ଧାରଣ କରିଥିବା ଅର୍ଥକୁ ଦରମାରୁ କାଟିବେ। ସେହି ଅର୍ଥ ସମ୍ପୃକ୍ତ କର୍ମଚାରୀଙ୍କ ପତ୍ନୀ ବା ସନ୍ତାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଇଲେକ୍ଟ୍ରୋନିକ୍ ଜରିଆରେ ଜମା କରାଯିବ। ଆଗାମୀ ଦିନରେ ଅଦାଲତଙ୍କ ନିର୍ଦ୍ଦେଶିତ ଏହି ବ୍ୟବସ୍ଥାକୁ ରାଜ୍ୟ ସରକାରଙ୍କ ସମନ୍ୱିତ ଓ ସ୍ୱୟଂଚାଳିତ ମାନବ ସମ୍ବଳ ପ୍ରବନ୍ଧନ ପ୍ରଣାଳୀ (ଏଚ୍ଆର୍ଏମ୍ଏସ୍) ସହ ଯୋଡ଼ି ଆହୁରି ଉନ୍ନତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ଅଦାଲତଙ୍କ ନିର୍ଦ୍ଦେଶର ସଠିକ୍ ଅନୁପାଳନ ହେବା ସହ ସମ୍ପୃକ୍ତ ମହିଳା ଓ ସନ୍ତାନମାନଙ୍କ ଦୁର୍ଦ୍ଦଶା ଅନେକ ପରିମାଣରେ ଦୂର ହୋଇପାରିବ।

# ଜାତୀୟ କ୍ରୀଡ଼ା ଦିବସ-୨୦୨୬ ପାଳନ ଅବସରରେ ପଦଯାତ୍ରା



ଢ଼େଙ୍କାନାଳ,(ଜା.ପ୍ର): କ୍ରୀଡ଼ା ଓ ଯୁବ ସେବା ବିଭାଗର ନିର୍ଦ୍ଦେଶକ୍ରମେ ହକିର ଯାଦୁକର ସ୍ୱର୍ଗତ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ଜାତୀୟ କ୍ରୀଡ଼ା ଦିବସ-୨୦୨୬ ପାଳିତ ହୋଇଯାଇଛି। ଏହି ଅବସରରେ ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ଢେଙ୍କାନାଳ ଷ୍ଟାଡ଼ିୟମ ଠାରେ ଏକ ପଦଯାତ୍ରା ଆୟୋଜନ କରାଯାଇଥିଲା। ଦୀପ୍ତି ରଞ୍ଜନ ସେଠୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଏହି ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ଦୟାନିଧି ପାତ୍ର, ଜିଲ୍ଲା ଅଗ୍ନିଶମ ଅଧିକାରୀ ଦୀନବନ୍ଧୁ ମଲ୍ଲିକଙ୍କ ସମେତ ବହୁ କ୍ରୀଡ଼ାବିତ୍ ଓ ଯୁବକ-ଯୁବତୀ ପଦଯାତ୍ରାରେ ଯୋଗ ଦେଇଥିଲେ। ଏହି ଅବସରରେ ଢେଙ୍କାନାଳ ଜିଲ୍ଲାର ଗର୍ବ, ଭାରୋତ୍ତୋଳନ ପ୍ରଶିକ୍ଷକ ଶ୍ରୀ ଗୋପାଳ କୃଷ୍ଣ ଦାସ "ବିଜୁ ପଟ୍ଟନାୟକ ପୁରସ୍କାର - ଶ୍ରେଷ୍ଠ ପ୍ରଶିକ୍ଷକ ପୁରସ୍କାର-୨୦୨୬"ରେ ସମ୍ମାନିତ ହୋଇଥିବାରୁ ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା । ଗୋପାଳ କୃଷ୍ଣ ଦାସଙ୍କ ଏହି ସଫଳତା ସମଗ୍ର ଢେଙ୍କାନାଳ ଜିଲ୍ଲା ପାଇଁ ଗୌରବର ବିଷୟ ବୋଲି ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ସେଠୀ ପ୍ରକାଶ କରି ତାଙ୍କର ନିଷ୍ଠା, ପରିଶ୍ରମ ଓ କ୍ରୀଡ଼ା କ୍ଷେତ୍ର ପ୍ରତି ଅବଦାନ, ଯୁବ ପିଢ଼ିଙ୍କୁ ପ୍ରେରଣା ଯୋଗାଇବ ବୋଲି ପ୍ରକାଶ କରିଛନ୍ତି। କ୍ରୀଡ଼ାବିତ୍‌ମାନେ ନିରନ୍ତର ପ୍ରୟାସ ଓ ଅଧ୍ୟବସାୟ ବଳରେ କ୍ରୀଡ଼ା କ୍ଷେତ୍ରରେ ଶୀର୍ଷ ସ୍ଥାନରେ ପହଞ୍ଚିବା ପାଇଁ ଉତ୍ସାହିତ କରିଥିଲେ।

# ସୂଚନା ଓ ଲୋକସମ୍ପର୍କ ବିଭାଗରେ ନୂତନ ନିର୍ଦ୍ଦେଶକଙ୍କ ଯୋଗଦାନ



ଭୁବନେଶ୍ୱର,(ଜା.ପ୍ର): ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସଞ୍ଜୟ କୁମାର ବିଶ୍ୱାଳ ଶନିବାର ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷଠାରେ ଶ୍ରୀ ବିଶ୍ୱାଳଙ୍କୁ ଅତିରିକ୍ତ ଶାସନ ସଚିବ ଶୋକ କୁମାର ବେହୁରିଆ, ଯୁଗ୍ମ ଶାସନ ସଚିବ କଲାମୁଦ୍ଦିନ୍, ଅତିରିକ୍ତ ନିର୍ଦ୍ଦେଶକ ସ୍ମିତା କର, ଯୁଗ୍ମ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏଥିସହ ପୂର୍ବତନ ନିର୍ଦ୍ଦେଶକ ଶ୍ରୀ ଅନୁଜ କୁମାର ଦାସ ପଟ୍ଟନାୟକଙ୍କୁ ତାଙ୍କର ନୂତନ କାର୍ଯ୍ୟଭାର ନେଇ ଶୁଭେଚ୍ଛା ଜଣାଇଥିଲେ । ବିଭାଗର ଅନ୍ୟ ଅଧିକାରୀମାନେ ମଧ୍ୟ ଶ୍ରୀ ବିଶ୍ୱାଳଙ୍କୁ ସ୍ୱାଗତ ଜଣାଇଥିଲେ। ନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳ ବିଭାଗୀୟ କାର୍ଯ୍ୟର ସୂଚାରୁ ସମ୍ପାଦନ ନିମନ୍ତେ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ସହଯୋଗ ଲୋଡ଼ିଥିଲେ। ସୂଚନାଯୋଗ୍ୟ ଯେ ନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳ ପୂର୍ବରୁ ବାଣିଜ୍ୟ ଓ ପରିବହନ ବିଭାଗରେ ଅତିରିକ୍ତ ଶାସନ ସଚିବ ଭାବେ ଅବସ୍ଥାପିତ ଥିଲେ। ଓଡ଼ିଶା ରାଜ୍ୟ ପରିବହନ ନିଗମ, କ୍ଲଟ୍ ସମେତ ବିଭିନ୍ନ ବିଭାଗରେ ସେ ଜଣେ ପ୍ରଶାସନିକ ଅଧିକାରୀ ଭାବେ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି।

# ଆମ୍ ଆଦମୀ ପାର୍ଟି ଭୁବନେଶ୍ୱର ଶାଖାର ସାଙ୍ଗଠନିକ ବୈଠକ



ଭୁବନେଶ୍ୱର,(ଜା.ପ୍ର): ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲାର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭାପତି ଶ୍ରୀ ନିଶିକାନ୍ତ ମହାପାତ୍ର ଅଧ୍ୟକ୍ଷତା କରିବା ସହ ଭୁବନେଶ୍ୱରରେ ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରୁ ସଶକ୍ତ କରିବା ନିମନ୍ତେ ମାର୍ଗଦର୍ଶନ କରିଥିଲେ। ଆଗାମୀ ସେପ୍ଟେମ୍ବର ୯ ତାରିଖ ଦିନ ଖଣି ସଂଶୋଧନ ବିଲ୍ ବିରୋଧରେ ହେବାକୁ ଥିବା ଜନ ଆକ୍ରୋଶ ସମାବେଶକୁ ସଫଳ କରିବା ନିମନ୍ତେ ରାଜ୍ୟ ସଭାପତି ଏହି ବୈଠକରେ ନେତୃବୃନ୍ଦଙ୍କୁ ଆହ୍ୱାନ ଦେଇଥିଲେ।ଏହି ସାଙ୍ଗଠନିକ ବୈଠକରେ ଭୁବନେଶ୍ୱର ଦାୟିତ୍ୱରେ ଥିବା ରାଜ୍ୟ ସଂଗଠନ ସମ୍ପାଦକ ସନ୍ଦୀପ୍ତ ଦାସ, ଜିଲ୍ଲା ସଭାପତି ଜୟସୂର୍ଯ୍ୟ କାନୁନଗୋ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଆଗାମୀ ଦିନରେ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ୱାର୍ଡ଼ରେ କିଭଳି ଭାବରେ ଦଳ ଶକ୍ତିଶାଳୀ ହେବା ସହ ମଜବୁତିର ସହିତ ସଂଗଠନ ନିର୍ମାଣ କାର୍ଯ୍ୟ ତ୍ୱରିତ ସମୟ ମଧ୍ୟରେ ସମ୍ପନ୍ନ କରାଯାଇପାରିବ, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ ବୈଠକରେ ପ୍ରତ୍ୟେକ ୱାର୍ଡ଼ରୁ ନିଷ୍ଠାବାନ କାର୍ଯ୍ୟକର୍ତ୍ତାଙ୍କୁ ଚିହ୍ନଟ କରାଯାଇ ଅଗଷ୍ଟ ଏକତିରିଶ ତାରିଖଠାରୁ ପ୍ରତି ୱାର୍ଡ଼ରେ ନୂଆ ସଦସ୍ୟ ଯୋଡାଯିବା ସହ ୱାର୍ଡ କମିଟି ଗଠନ କରାଯାଇ ସଂଗଠନକୁ ମଜବୁତ କରାଯିବ ସେ ସମ୍ପର୍କିତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆଗାମି ଦିନରେ କିଭଳି ଭାବେ ସମସ୍ତ ୬୭ଟି ୱାର୍ଡ଼ରେ ଦଳର ସାଙ୍ଗଠନିକ ସ୍ଥିତିକୁ ମଜବୁତ୍ କରାଯିବା ସହିତ ନିର୍ବାଚନ ମଇଦାନରେ ପ୍ରାର୍ଥୀ ଦିଆଯିବ ସେ ସମ୍ପର୍କରେ ମଧ୍ୟ ବିଶଦ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଭୁବନେଶ୍ୱର ସାଙ୍ଗଠନ ଜିଲ୍ଲାର ସମସ୍ତ ପଦାଧିକାରୀ କାର୍ଯ୍ୟକର୍ତ୍ତା ଓ ନେତୃ ମଣ୍ଡଳୀ ଉପସ୍ଥିତ ରହିଥିଲେ।

ଜାତୀୟ ଚେତନା
JATIYA CHETANA



# ପାଗଳର ଦେଶାତ୍ମବୋଧ



ଗାଁର ବଡ଼ ବରଗଛ ମୂଳେ ପ୍ରତିଦିନ ଭଳି ସେଦିନ ମଧ୍ୟ ଭିଡ଼ ଜମିଥିଲା। ଡକ୍ଟର ସୁଚିତ୍ରା ରଥଙ୍କ ରଚିତ ଏହି ମର୍ମସ୍ପର୍ଶୀ କାହାଣୀ ‘ଦେଶାତ୍ମ’ ଗାଁର କୁସଂସ୍କାର, ଅନ୍ଧବିଶ୍ୱାସ, ନାରୀ ପ୍ରତି ଅତ୍ୟାଚାର ଏବଂ ଜଣେ ତଥାକଥିତ ‘ପାଗଳ’ର ହୃଦୟରେ ଥିବା ପ୍ରକୃତ ମାନବିକତାକୁ ସୁନ୍ଦର ଭାବେ ବର୍ଣ୍ଣନା କରେ।

ସୋସିଆଲ ମିଡିଆର ଏହି ଆଧୁନିକ ଯୁଗରେ ଗୋଟିଏ ଭାଇରାଲ ଭିଡିଓ ଫୋନରୁ ଫୋନକୁ ସଞ୍ଚାରିତ ହେଉଥିଲା। ଗାଁର ସରପଞ୍ଚଙ୍କ ପୁଅ କାବା ଏବଂ ତା’ର ସାଙ୍ଗମାନେ ମନ୍ଦିର ଚଉତରାରେ ବସି ସେହି ଅଭାବନୀୟ ଦୃଶ୍ୟକୁ ବାରମ୍ବାର ରିପ୍ଲେ କରି ଦେଖୁଥିଲେ ଏବଂ ଆନନ୍ଦ ନେଉଥିଲେ। ଗାଁର ଲୋକେ ଯାହାକୁ ‘ମଙ୍ଗୁ ପାଗଳ’ ବୋଲି ଡାକନ୍ତି, ସେ ହଠାତ୍ ଝପଟି ଆସି କାବା ହାତରୁ ଫୋନ୍‌ଟା ଛାଣ୍ଟି ନେଇ ତଳେ କଚାଡ଼ି ଦେଲା। କାବା ଓ ତା’ର ସାଙ୍ଗମାନେ ରାଗରେ ପଞ୍ଚମ ହୋଇ ମଙ୍ଗୁକୁ ପ୍ରଚଣ୍ଡ ମାଡ଼ ମାରିଲେ। କିନ୍ତୁ ମଙ୍ଗୁ ସେମିତି ହସୁଥିଲା- ହୋ ହୋ ହୋଇ ତା’ର ଦାଢ଼ିକୁ ଆଉଁସି ଆଉଁସି। ଗାଁ ଲୋକଙ୍କଠାରୁ ଗାଳି ଓ ମାଡ଼ ଖାଇବା ତା’ ପାଇଁ ନୂଆ କଥା ନଥିଲା। ଦୁଇ ଖଣ୍ଡ ଗାମୁଛାରେ ରାତିସାରା ବୁଲୁଥିବା, ବରଗଛକୁ କୁଣ୍ଢେଇ ପକାଉଥିବା, ବୁଢ଼ୀ ଠାକୁରାଣୀଙ୍କୁ ନମସ୍କାର କରୁଥିବା ଏବଂ ପତାକାପୋଲକୁ ସାଲ୍ୟୁଟ୍ କରୁଥିବା ଏହି ମଙ୍ଗୁକୁ ସମସ୍ତେ ହେୟ ଜ୍ଞାନ କରୁଥିଲେ।

କିନ୍ତୁ ସେହିଦିନ ସକାଳର ଘଟଣା ଗାଁର ସତ୍ୟତାକୁ ଉଘାଡ଼ି ଦେଇଥିଲା। ଗାଁ ଦାଣ୍ଡରେ ପ୍ରଭାବଶାଳୀ ଲୋକ ଗୁନିଆ ବେହେରା ଅନର୍ଗଳ ଅଭିଶାପ ଦେଉଥିଲା। ଗୁନିଆ ବେହେରା ଓ ତା’ର ଚାଟୁକାରମାନେ ‘ଭାରତୀ’ ନାମ୍ନୀ ଜଣେ ନିରୀହ ମହିଳାଙ୍କୁ ‘ଡାହାଣୀ’ ଆଖ୍ୟା ଦେଇ, ସେ ଗାଁର ପିଲାଙ୍କ ଜୀବନ ନେଉଛି ବୋଲି ଅଭିଯୋଗ କରି ତାଙ୍କୁ ସମ୍ପୂର୍ଣ୍ଣ ନିବସ୍ତ୍ର କରି ରାସ୍ତାରେ ଘୋଷାରି ଘୋଷାରି ନେଉଥିଲେ। ନିଜ ସମ୍ମାନ ଓ ଲାଜ ବଞ୍ଚାଇବା ପାଇଁ ଭାରତୀଙ୍କ ହାତ ଦୁଇଟି ଅସହାୟତାର ଶିଙ୍କୁଳିରେ ବନ୍ଧା ପଡ଼ିଥିଲା। ଗାଁର ଚତୁର୍ଦ୍ଦିଗରେ ଠିଆ ହୋଇଥିବା ପୁରୁଷ ଏବଂ ନୀରବ ସମାଜ କେବଳ ମୋବାଇଲ୍ କ୍ୟାମେରାରେ ସେହି ନିର୍ଯାତନାର ଦୃଶ୍ୟକୁ କଏଦ କରୁଥିଲେ।

ଏହି ସମୟରେ ଘଟିଲା ଅପ୍ରତ୍ୟାଶିତ ଘଟଣା। ସମଗ୍ର ସମାଜ ଯେତେବେଳେ ମୂକସାକ୍ଷୀ ସାଜିଥିଲା, ସେତେବେଳେ ସେହି ‘ପାଗଳ’ ମଙ୍ଗୁ କାଳ ଭଳି ମାଡ଼ି ଆସିଲା। ସେ ଗୁନିଆ ବେହେରା ମୁହଁରେ ପ୍ରଚଣ୍ଡ ଟାଙ୍ଗି ଢେଲାଟାଏ ମାରି ତାକୁ ରକ୍ତାକ୍ତ କରିଦେଲା। ଅନ୍ୟ ନିର୍ଯାତନାକାରୀଙ୍କ ଉପରେ ଢେଲା ମାଡ଼ କରି ସେମାନଙ୍କୁ ଛତ୍ରଭଙ୍ଗ ଦେବାକୁ ବାଧ୍ୟ କଲା। ତା’ପରେ ନିଜ ଗାମୁଛା କାଢ଼ି ଅତି ଶ୍ରଦ୍ଧାର ସହ ଭାରତୀଙ୍କ ଶରୀରକୁ ଘୋଡ଼ାଇ ଦେଲା। ତା’ ଆଖିରୁ ଧାର ଧାର ଲୁହ ବହି ଯାଉଥିଲା। ସେ ଭାରତୀଙ୍କ ପାଦ ତଳେ ମୁଣ୍ଡିଆ ମାରି ‘ମା’’ ବୋଲି ଡାକିଲା। ସେହି ସମାଜ ଓ ଭିଡ଼ ଆଡ଼କୁ ଚାହିଁ ମଙ୍ଗୁର ଜଳନ୍ତା ଆଖି ଯେମିତି ପ୍ରଶ୍ନ କରୁଥିଲା- ‘ନାରୀ ତୁମକୁ ଗର୍ଭ ଦେଲା, ସାମର୍ଥ୍ୟ ଦେଲା, ପ୍ରେମ ଓ ସ୍ନେହ ଦେଲା, ଆଉ ବଦଳରେ ତୁମେ ତାକୁ ଆଣ୍ଠୁଡ଼ାଏ ସମ୍ମାନ ବି ଦେଇପାରିଲ ନାହିଁ?’ ସେହି ସମୟରେ ସ୍କୁଲ ପିଲାମାନଙ୍କର ‘ଭାରତ ମାତା କି ଜୟ’ ସ୍ଲୋଗାନ ଶୁଣାଯାଉଥିଲା। ମଙ୍ଗୁ ଗର୍ବର ସହ ଭାରତୀଙ୍କୁ ନେଇ ଆଗେଇ ଚାଲିଲା। ତା’ ମନରେ ଗୋଟିଏ କଥା ସ୍ପଷ୍ଟ ଥିଲା- ଗାଁର ବୁଦ୍ଧିଜୀବୀ ଓ ସମାଜ ଭାରତ ମାତାଙ୍କ ଜୟଗାନର ସ୍ଲୋଗାନ ଦେଇପାରନ୍ତି, କିନ୍ତୁ ପ୍ରକୃତରେ ଜଣେ ନାରୀ ବା ମା’ର ସମ୍ମାନ ରକ୍ଷା କରିବାର ପ୍ରକୃତ ‘ଦେଶାତ୍ମ’ ବୋଧ ସେହି ତଥାକଥିତ ପାଗଳ ମଙ୍ଗୁ ପାଖରେ ହିଁ ଥିଲା।

**ଡଃ. ସଚିତ୍ରା ରଥ**
*ନୀଳଚକ୍ର ନଗର, ପୁରୀ*

# କର୍ତ୍ତବ୍ୟର ନୂଆ ଦିଗନ୍ତ

ଦେବୁର ଭୁବନେଶ୍ୱର ବଦଳି ହେବା ଦିନଠାରୁ ଭଉଣୀ ଶ୍ରଦ୍ଧାର ଗାଁକୁ ଯିବା ଆସିବା ବଢ଼ିଯାଇଥିଲା। ଦେବୁ ରାଉରକେଲାରେ ଇଞ୍ଜିନିୟରିଂ ସାରି ହାଇଦ୍ରାବାଦ ଓ କାନାଡ଼ାରେ ଚାକିରି କରିବା ପରେ ଏବେ ଭୁବନେଶ୍ୱରର ଗୋଟିଏ ସଫ୍ଟୱେର୍ କମ୍ପାନୀରେ ପୋଷ୍ଟିଂ ପାଇଥିଲା। ଶନିବାର ଓ ରବିବାର ଦୁଇଦିନ ଛୁଟି ମିଳୁଥିବାରୁ ସେ ପ୍ରାୟତଃ ନିଜ ଗାଡ଼ିରେ ଗାଁକୁ ଯାଉଥିଲା। ଛୁଟିଦିନଗୁଡ଼ିକରେ ଶ୍ରଦ୍ଧା ନିଜ ପୁଅ, ଝିଅ, ନାତି ଓ ନାତୁଣୀଙ୍କୁ ଧରି ଗାଁକୁ ବାହାରି ପଡୁଥିଲା, ଯାହାଫଳରେ ଗାଁରେ ରହୁଥିବା ବୁଢ଼ା ନାନା-ବୋଉ ବହୁତ ଖୁସି ହେଉଥିଲେ।

ସେହିଥର ଲଗାତାର ଦୁଇ-ତିନି ଦିନର ଛୁଟି ଥିବାରୁ ରାସ୍ତାରେ ପ୍ରଚଣ୍ଡ ଭିଡ଼ ଥିଲା। ଗାଁକୁ ଯିବା ପୂର୍ବରୁ ଟଙ୍କା ଉଠାଇବା ପାଇଁ ଶ୍ରଦ୍ଧା ଓ ଦେବୁ କେତୋଟି ଏଟିଏମ୍ ବୁଲିସାରିଥିଲେ, କିନ୍ତୁ କେଉଁଠି ଟଙ୍କା ସରିଯାଇଥିଲା ତ ଆଉ କେଉଁଠି ଲମ୍ବା ଲାଇନ୍ ଥିଲା। ଶେଷରେ ଆଇଆଇଟିପି କଲୋନୀ ଗେଟ୍ ନିକଟସ୍ଥ ଏଟିଏମ୍‌ରେ ଭିଡ଼ ଟିକେ କମ୍ ଦେଖି ଦେବୁ ଗାଡ଼ିରୁ ଓହ୍ଲାଇ ଲାଇନରେ ଛିଡ଼ାହେଲା। ତା’ ପଛକୁ ଆସି ଛିଡ଼ାହେଲେ ୟୁନିଫର୍ମରେ ଥିବା ଜଣେ ଆର୍ମି ଜବାନ୍।

ଖରା ଯୋଗୁଁ ଅଧୈର୍ଯ୍ୟ ହୋଇ ଦେବୁ ଗାଡ଼ିକୁ ଫେରିଆସି ବିରକ୍ତିର ସହ କହିଲା, ‘ଦେଖ ତ... ନିଜ ଟଙ୍କା, ତାକୁ ଦେବ ପୁଣି ଲାଇନ୍‌ରେ ଛିଡ଼ା ହେବ ଖରାରେ! ଏ ଦେଶ କେବେ ସୁଧୁରିବ କେଜାଣି!’ ଗାଡ଼ି ଡ୍ରାଇଭ୍ କରୁ କରୁ ସେ ଦେଶର ବ୍ୟବସ୍ଥାକୁ କଡ଼ା ଭାଷାରେ ଗାଳି ଦେବାକୁ ଲାଗିଲା।



ସାଙ୍ଗରେ ଥିବା ଭଉଣୀ ଶ୍ରଦ୍ଧା ତାକୁ ବୁଝାଇବାକୁ ଯାଇ କହିଲା, ‘ତୋ’ ପଛରେ ଥିବା ଆର୍ମି ମଣିଷଟିକୁ ଦେଖିଲୁ? ସେମାନେ ସୀମାରେ ଦିନରାତି ଖରା, ବର୍ଷା, ଶୀତକୁ ଖାତିର ନ କରି ଦେଶ ପାଇଁ ଜୀବନ ଦେଇଦିଅନ୍ତି। ସେମାନଙ୍କ ଯୋଗୁଁ ଆମେ ଘରେ ନିରାପଦରେ ଶୋଇପାରୁଛେ। ତୁ ତାଙ୍କୁ ସମ୍ମାନ ଦେଇ ଆଗ ଟଙ୍କା ଉଠାଇବାକୁ ଛାଡ଼ିଦେବାର ଥିଲା। ସେମାନେ ଛୁଟିରେ ଆସି ବି ଶାନ୍ତି ପାଆନ୍ତି ନାହିଁ। ତୁ ଏତେ ବଡ଼ ହୋଇ ବି ସେତିକି ଶାନ୍ତ ଓ ସ୍ଥିର ରହିପାରିଲୁ ନାହିଁ?’

ଦେବୁ ଚିଡ଼ିଯାଇ ଉତ୍ତର ଦେଲା, ‘ସୈନିକମାନଙ୍କ ଦେଶସେବା ପାଇଁ ମୁଁ ସଦାବେଳେ ସମ୍ମାନ ଓ କୃତଜ୍ଞତା ଦେଖାଏ। ହେଲେ ମୁଁ ବି ତ ଦିନରାତି କମ୍ପ୍ୟୁଟର ଆଗରେ ବସି କାମ କରୁଛି। ଆମମାନଙ୍କ ଭଳି ଇଞ୍ଜିନିୟରଙ୍କ ପରିଶ୍ରମ ଯୋଗୁଁ ହିଁ ଆଜି ଡିଜିଟାଲ୍ ସେବା ସମ୍ଭବ ହୋଇଛି। ଆମ ଦେଶରେ ରାତି ହେଲେ ଗ୍ଲୋବ୍ ଆରପଟେ ଦିନ ହୁଏ, ସେଥିପାଇଁ ସମନ୍ୱୟ ରଖି କାମ କରିବାକୁ ପଡ଼େ। ବ୍ୟାଙ୍କିଙ୍ଗ୍, ଟ୍ରାଫିକ୍, ଟେଲିକମ୍, ମେଡିକାଲ୍‌ରୁ ଆରମ୍ଭ କରି ସାଟେଲାଇଟ୍ ପରିଚାଳନା ପାଇଁ ଆମକୁ ୨୪ ଘଣ୍ଟା ଆଲର୍ଟ ରହିବାକୁ ପଡ଼େ। ଏସବୁ ଦେଶସେବା ତୋତେ ଦିଶୁନି ନାନା?’ କିଛି ସମୟ ପରେ ଦେବୁ ଶାନ୍ତ ହୋଇ ନିଜର ଭୁଲ୍ ସ୍ୱୀକାର କଲା। ଶ୍ରଦ୍ଧା ସ୍ନେହରେ ତା’ ମୁଣ୍ଡରେ ହାତ ବୁଲାଇ କହିଲା, ‘ଶାସ୍ତ୍ରୀଜୀ କହିଥିଲେ ‘ଜୟ ଯବାନ, ଜୟ କିଷାନ’। ସେମିତି ଯାହାକୁ ଯେଉଁ କାମ ମିଳିଛି, ତାକୁ ନିଷ୍ଠାପର ଭାବେ ତୁଲାଇବା ହିଁ ପ୍ରକୃତ ଦେଶପ୍ରେମ। ତୁ ଯାହା କରୁଛୁ, ମୁଁ ଯାହା କରୁଛି, ଶିକ୍ଷକ, ଶ୍ରମିକ, ସାମ୍ବାଦିକ, ଡାକ୍ତର କିମ୍ବା ଓପରାଶୀ ସମସ୍ତେ ନିଜ ନିଜ ସ୍ଥାନରେ ଦେଶସେବା ହିଁ କରୁଛନ୍ତି। ଯାହାର ଦାୟିତ୍ୱରେ ଯେତିକି ସାଧୁତା, ତା’ର ଦେଶପ୍ରେମ ସେତିକି।’

ଭଉଣୀର ଏହି କଥା ଶୁଣି ଦେବୁ ଆଖି ଆଗରେ ଦେଶସେବାର ଏକ ନୂଆ, ବ୍ୟାପକ ଓ ଉଜ୍ଜ୍ୱଳ ଚିତ୍ର ଉନ୍ମୋଚିତ ହୋଇଗଲା।

**ନିବେଦିତା ନନ୍ଦ**
*ବାସନ୍ତୀ କଲୋନୀ, ରାଉରକେଲା*

## ବର୍ଷା

ବର୍ଷା
କୁଆଁରୀ ମନର ଜୋଛନା
ନା ପ୍ରେମିକା ଆଖିର ଛଳନା
କେବେ ସୃଷ୍ଟି କରେ ମୟୂରୀର ନୃତ୍ୟ
ମେଘ ମଲ୍ଲାର ସ୍ୱରରେ
ଇନ୍ଦ୍ରଧନୁର ଗୀତ ଗାଏ
ଚଷା ପୁଅର ଉଛୁଳିତ ଧ୍ୱନିରେ
କେବେ ହୁଏ ସେ କବିତାର ପାଖୁଡ଼ା
କବିର ବିରହ ବେଦନାରେ
କିମ୍ବା ପ୍ରେମୀଙ୍କ ଶୃଙ୍ଗାର ରସରେ
ଝରକା ସେ କେତେ ନୃତ୍ୟ କରେ
ପ୍ରେୟସୀଙ୍କ ଆଲିଙ୍ଗନରେ
ମେଦିନୀର ବୁକୁ ଚିରି ସବୁଜିମା ଭରେ
କିମ୍ବା ବହି ଯାଇ ନିଜେ ହଜି ଯାଏ
ସାଗର ବୁକୁରେ
ନିଶୁପ ରାତିରେ ଯେବେ ମୁଁ ଉଠେ ବିଲିପି
ଜହ୍ନ ଆଉ ତାରାଙ୍କୁ ସାକ୍ଷୀ କରି
ମେଞ୍ଚାଏ କୋହକୁ ଛାତିରେ ଚିପୁଡ଼ି ଧରି
ଦୁନ୍ଦୁଭି ଯେବେ ବାଜି ଉଠେ
କାନେ ପୁଣି ଭେଦିଯାଏ ରଣ ଭେରୀ
ନିଦ ଏଠି ହଜିଯାଏ, ଖଣ୍ଡ ଖଣ୍ଡ ସ୍ୱପ୍ନ ସବୁ
ଭାସିଯାଏ
ଶ୍ରାବଣ ଏଠି ବୁକୁ ଚିରି ବହିଯାଏ
ଦୁଇ ଧାରା ହେଇ ମୋ ଆଖି କୋଣରୁ
ଏଠି ତ କେବଳ ମେଞ୍ଚା ମେଞ୍ଚା ବେଦନା
ଆଉ ଯାତନା
ଶ୍ରାବଣ ତୁମେ ଆଉ କେବେ ଆସନା
ବର୍ଷା ତୁମେ ଫେରିଯାଅ ନା
ମୋତେ ଟିକେ ଛାଡିଦିଅ ଏକା
ମୁଁ ପୁଣି କଥାହେବି ଏକୁଟିଆ
ମୋ ସାଥେ ଥିବେ ମୋ ଜହ୍ନ ଆଉ ତାରା।

**ଡ. ଗଣେଶ୍ୱର ଜେନା**
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

## ନଈ ବାଲି

ମାୟା, ଦେଖ ନଈ ବାଲି ଏବେ
କେମିତି ଟରଲିଛି!
ତୁମ ପାଦ ଚିହ୍ନ, ମୋ ବାଲି ଘର
ଦୁହେଁ ଏବେ ସମୁଦ୍ରରେ
ସେଦିନ ନଈ ପଠା ପବନରେ, ବିଦ୍ରୋହ
ଥିଲା
ଗୋଧୂଳି ଆକାଶ ବଡ଼ ନିର୍ମମ ଥିଲା
ଆମେ ଦୁହେଁ ମିଶିଯିବା ବେଳେ
ନଈ ବାଲିରେ ସମୟ ନିଜକୁ ସେକି
ନିଜ ଦେହ ଜାଳୁଥିଲା।
ମୁଁ ମରୁଥିଲି
ତୁମ ଆହତ ଆଖିରେ,
ନଈ ପଠା ଶ୍ମଶାନରୁ ଉଠୁଥିଲା ଧୂଆଁ
କାହା ଶବ ଦାହ ବେଳେ
ଏ ନଈ ଜଳ ଏବେ କରୁଣାହୀନ ଉଗ୍ର
ଚଞ୍ଚଳ!
ପୋଛି ନେଉଛି ନଦୀ ବନ୍ଧରୁ
କାହା ଦଶ ହାଣ୍ଡି, ମଇଁଷି ଗୋଠ ଛଟା
ଠାକୁରାଣୀର ବାନା, ବରଗଛର କନା,
ଏ ନଈ ପୁଣି ଧୋଇ ନେଉଛି ଆମ ପାପ
ଜହ୍ନ ରାତିର ମିଛ ଗପ
ପୁଣି ଛପା ଛପା ଆଖିର କାଜଳ
ମାୟା, ନଈ ବାଲି ନୁହେଁ
ଏବେ ଟରଲିଛି ବୟସ ଆମ ଦୁହିଁଙ୍କର!

**ତୃପ୍ତି ରଞ୍ଜନ ଦାସ**
କାଦୁଅପଡ଼ା, ଜଗତସିଂହପୁର

ଜାତୀୟ ଚେତନା
JATIYA CHETANA



# ଶ୍ରୀଲଙ୍କା ହରାଇଲା ଡବ୍ଲ୍ୟୁସିଟି ଆୟୋଜନ ଅଧିକାର

ଦୁବାଇ,(ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ୍ କାଉନ୍‌ସିଲ୍ (ଆଇସିସି) ଆସନ୍ତା ବର୍ଷ ହେବାକୁ ଥିବା ପ୍ରଥମ ମହିଳା ଚାମ୍ପିଅନ୍ସ ଟ୍ରଫି (ଡବ୍ଲ୍ୟୁସିଟି)ର ଆୟୋଜନ ଅଧିକାର ଶ୍ରୀଲଙ୍କା ହାତରୁ ଛଡ଼ାଇ ନେଇଛି। ଶ୍ରୀଲଙ୍କା କ୍ରିକେଟ୍‌ରେ ସରକାରୀ ହସ୍ତକ୍ଷେପ ଅଭିଯୋଗ କରି ଆଇସିସି ଏହି କାର୍ଯ୍ୟାନୁଷ୍ଠା କରିଛି। ୨୦୨୭ ଫେବୃଆରୀ ୧୪ରୁ ୨୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୬ ଟିମ୍ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟ୍ ଏବେ ଅନ୍ୟ ଦେଶରେ ଖେଳାଯିବ। ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ (ଏସ୍‌ଏଲ୍‌ସି)ର କାର୍ଯ୍ୟ ସରକାରଙ୍କ ଦ୍ୱାରା ଗଠିତ ଟ୍ରାନ୍ସଫର୍ମେସନ୍ କମିଟି ଦେଖୁଛି। ଆଇସିସି ନିୟମ ଅନୁସାରେ ସରକାରଙ୍କ ବିନା ହସ୍ତକ୍ଷେପରେ ସଦସ୍ୟ ବୋର୍ଡ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରିବା ଉଚିତ।

ଶ୍ରୀଲଙ୍କା ହାତରୁ ଆୟୋଜନ ଅଧିକାର ଛଡ଼ାଇ ନିଆଯାଇଥିବା ସମ୍ପର୍କରେ ଏସ୍‌ଏଲସି ଟ୍ରାନ୍ସଫର୍ମେସନ୍ କମିଟି ସମ୍ପାଦକ ପ୍ରକାଶ ଶାଫ୍‌ଟର୍ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ଟୁର୍ଣ୍ଣାମେଣ୍ଟ୍ ଶ୍ରୀଲଙ୍କା ବାହାରେ ହେବ। ତେବେ ନୂଆ ଆୟୋଜକର ନିଷ୍ପତ୍ତି ଏବେ ହୋଇନାହିଁ। ଆଇସିସି ଶ୍ରୀଲଙ୍କାରେ ଶୀଘ୍ର ନିର୍ବାଚନ କରାଇବା ସହିତ ସହିତ ନିର୍ବାଚିତ ବୋର୍ଡ ପୁନଃସ୍ଥାପନ ପାଇଁ ଦାବି କରିଆସୁଛି। ଟ୍ରାନ୍ସଫର୍ମେସନ୍ କମିଟି ପ୍ରତିନିଧିଙ୍କୁ ଆଇସିସି ବୋର୍ଡ ବୈଠକରେ ସାମିଲ ହେବାର ଅନୁମତି ମଧ୍ୟ ନାହିଁ।

ମହିଳା ଚାମ୍ପିଅନ୍ସ ଟ୍ରଫି ଫେବୃଆରୀ ୧୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଟି-୨୦ ଫର୍ମାଟ୍‌ରେ ଖେଳାଯିବାର ଥିଲା। ଏଥିରେ ୬ ଟିମ୍ ଭାଗନେବେ। ଆୟୋଜକ ହୋଇଥିବାରୁ ଶ୍ରୀଲଙ୍କାକୁ ଟୁର୍ଣ୍ଣାମେଣ୍ଟ୍‌ରେ ସିଧା ପ୍ରବେଶ ମିଳିଥିଲା। ଏବେ ଆୟୋଜକ ପରିବର୍ତ୍ତନ ହେବା ପରେ ଶ୍ରୀଲଙ୍କାର ଭାଗୀଦାରୀ ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀଲଙ୍କା ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ୍‌ର ଷଷ୍ଠ ସ୍ଥାନରେ ରହିଛି। ଆଇସିସି ଏବେ ନୂଆ ଯୋଗ୍ୟତା ବ୍ୟବସ୍ଥା ସ୍ପଷ୍ଟ କରିନାହିଁ।

ଟୁର୍ଣ୍ଣାମେଣ୍ଟ୍ ଅନ୍ୟ ଦେଶକୁ ଯିବା ଫଳରେ ଶ୍ରୀଲଙ୍କାକୁ କ୍ରିକେଟ୍ ସହିତ ଆର୍ଥିକ କ୍ଷତି ମଧ୍ୟ ହେବ। ଅଧିକାରୀ ଏବଂ ଖେଳାଳିଙ୍କ ଆସିବା ଫଳରେ ହୋଟେଲ୍ ଏବଂ ପର୍ଯ୍ୟଟନ ବ୍ୟବସାୟକୁ ଲାଭ ମିଳିଥାନ୍ତା। ଏବେ ବ୍ରଡ୍‌କାଷ୍ଟିଂ ଓ ଆୟୋଜନରୁ ହେବାକୁ ଥିବା ଆୟର ଭାଗ ମଧ୍ୟ ଶ୍ରୀଲଙ୍କାକୁ ମିଳିବ ନାହିଁ। ଏହା ବ୍ୟତୀତ ଘରୋଇ କ୍ରିକେଟ୍‌କୁ ମିଳିବାକୁ ଥିବା ଆୟୋଜକ ସହ ଜଡ଼ିତ ସୁଯୋଗ ମଧ୍ୟ ଶେଷ ହୋଇଛି।

ସରକାରୀ ଦଖଲକୁ ନେଇ ଶ୍ରୀଲଙ୍କା ପୂର୍ବରୁ ମଧ୍ୟ ଆଇସିସି କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇସାରିଛି। ୨୦୨୩ରେ ଏସ୍‌ଏଲ୍‌ସିକୁ ଆଇସିସି ନିଲମ୍ବିତ କରିଥିଲା। ଏହାପରେ ୨୦୨୪ ପୁରୁଷ ଅଣ୍ଡର-୧୯ ବିଶ୍ୱକପ୍‌ର ଆୟୋଜନ ଅଧିକାର ମଧ୍ୟ ଶ୍ରୀଲଙ୍କାଠାରୁ ଛଡ଼ାଇ ନେଇ ସାଉଥ୍ ଆଫ୍ରିକାକୁ ପ୍ରଦାନ କରାଯାଇଥିଲା। ୨୦୨୬ ଏପ୍ରିଲ୍‌ରେ ଶ୍ରୀଲଙ୍କା ସରକାର ବୋର୍ଡର କାର୍ଯ୍ୟ ଅସ୍ଥାୟୀ ଭାବେ ଟ୍ରାନ୍ସଫର୍ମେସନ୍ କମିଟିକୁ ପ୍ରଦାନ କରିଥିଲେ। ଆଇସିସି ସେବେଠାରୁ ନିର୍ବାଚିତ ବୋର୍ଡର ପୁନଃସ୍ଥାପନ ଏବଂ ଶୀଘ୍ର ନିର୍ବାଚନ କରିବା ଉପରେ ଜୋର ଦେଇଆସୁଛି।

## ବଉଳା କୁମ୍ଭୀର



ବଉଳା କୁମ୍ଭୀରର ଆତ୍ମକାହାଣୀ
କୁନା କୁନି ଏଥର ଶୁଣିବା
ଏମନ୍ତ ପ୍ରାଣୀର ଚତୁର ପ୍ରବୃତ୍ତି
ସରଳ ଭାବରେ ଜାଣିନେବା।
ଶତାଧିକ ଆୟୁ ଅଟେ ବଉଳାର
ସବଳ ଶରୀର ଭାରି ତା'ର
କଣ୍ଟାଳିଆ ପିଠି ଶକତ ଲାଞ୍ଜଟି
ନରମ ପେଟ ଧୋ ଫରଫର।
ତିନିଟି ପ୍ରଜାତି ଓଡ଼ିଶାରେ ଅଛି... 
ତିନିଟି ପ୍ରଜାତି ଅଣ୍ଟିଆ ବଉଳା
ଭୟଙ୍କର ଅତି ଘଡିଆଳ
ଜଳରେ ତ୍ରିଶକ୍ତି ସବୁଠାରୁ ବଳି
ବାଘ ସିଂହଠାରୁ ବଳିଆର।
ଜ୍ୟୋଷ୍ଠରୁ ଆଷାଢ଼ ପ୍ରଜନନ ପାଇଁ
ବସା ବାନ୍ଧିବା ତା'ର ସମୟ
ଅଣ୍ଡା ଦେବାପରେ ମାଆ କୁମ୍ଭୀରଟି
ହୁଏ ଅତି ସେହି ହିଂସ୍ର ପ୍ରାୟ।
ଅଣ୍ଡା ସୁରକ୍ଷିତ ରଖିବା ପାଇଁକି
କାଠିକୁଟା ଢ଼ାଙ୍କିଦିଏ ଆଣି
ପଞ୍ଚସ୍ତରି ଦିନ ମଧ୍ୟରେ ଅଣ୍ଡାରୁ
ଶାବକ ଜନ୍ମାଏ ଗଣିଗଣି।
ଏକ ପ୍ରଜନନ ଋତୁରେ ସମ୍ଭବ
ଅଣ୍ଡା ଚାଳିଶରୁ ଷାଠିଏଟି
ଉଚ୍ଚ ସ୍ଥାନଦେଖି ନଦୀ ଉପକୂଳ
ଦେଇଥାଏ ଏହି କୁମ୍ଭୀରଟି।
ଭିତରକନିକା ଜାତୀୟ ଉଦ୍ୟାନେ
ସ୍ୱତନ୍ତ୍ର ଭାବରେ ବ୍ୟବସ୍ଥିତ
ପ୍ରଜନନ ପ୍ରତିପାଳନ କେନ୍ଦ୍ରଟି
ଡାଙ୍ଗମାଳଠାରେ ପ୍ରତିଷ୍ଠିତ।

ଅମରନାଥ ବାରିକ୍
ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର,
ଜି-ଯାଜପୁର
ଓଡ଼ିଶା,
ପିନ୍ ନମ୍ବର - ୭୫୫୦୧୧
ଦୂରଭାଷ- ୯୫୪୦୩୦୮୦୯୫
(ନୂଆଦିଲ୍ଲୀ)

# ଟେନିସ୍ ହଲ୍ ଅଫ୍ ଫେମ୍‌ରେ ରୋଜର୍ ଫେଡେରର୍



ରୋଡ୍ ଆଇଲାଣ୍ଡ,(ଏଜେନ୍ସି): ପୂର୍ବତନ ଟେନିସ୍ ଖେଳାଳି ରୋଜର୍ ଫେଡେରର୍‌ଙ୍କୁ ଟେନିସ୍ ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଇଛି। ଏହି ଅବସରରେ ଭାଷଣ ଦେଉଥିବା ବେଳେ ଫେଡେରର୍ ବହୁବାର ଭାବୁକ ହୋଇପଡ଼ିଛନ୍ତି। ୪୫ ବର୍ଷୀୟ ଫେଡେରର୍ ନିଜ ଭାଷଣରେ ବିରୋଧୀ, ଅଧିକାରୀ ଏବଂ ପ୍ରଶଂସକଙ୍କୁ ସ୍ମରଣ କରିଛନ୍ତି। ପରିବାର ଏବଂ ବନ୍ଧୁଙ୍କ ଧନ୍ୟବାଦ କହିବା ସମୟରେ ସେ କାନ୍ଦି ପକାଇଛନ୍ତି।

ଆମେରିକୀୟ ରାଜ୍ୟ ରୋଡ୍ ଆଇଲାଣ୍ଡ୍‌ର ନ୍ୟୁପୋର୍ଟରେ ଶନିବାର ଆୟୋଜିତ ସମାରୋହରେ ଫେଡେରର୍ କହିଛନ୍ତି 'ଏହା ମୋ ଜୀବନର ସବୁଠୁ ବଡ଼ ସମ୍ମାନ ମଧ୍ୟରୁ ଅନ୍ୟତମ। ଏହାକୁ ହଲ୍ ଅଫ୍ ଫେମ୍ କୁହାଯାଇଥାଏ କିନ୍ତୁ ଯଶ ପାଇବା କେବେ ବି ମୋର ଲକ୍ଷ୍ୟ ନଥିଲା। ଯାହା ମୋତେ ଭଲଲାଗେ ତାହାକୁ କରି ଜୀବନ ବିତାଇବା ଏବଂ ଯେଉଁ ଲୋକମାନେ ତାକୁ ମଧ୍ୟ ଭଲ ପାଆନ୍ତି ସେମାନଙ୍କ ସହ ରହିବା ମୋର ଲକ୍ଷ୍ୟ ଥିଲା।' କ୍ୟାରିୟର୍‌ରେ ୨୦ ଗ୍ରାଣ୍ଡ୍ ସ୍ଲାମ୍ ଏବଂ ୧୦୩ ଏଟିପି ଚାମ୍ପିଅନ୍‌ଶିପ୍ ଜିତିଥିବା ସ୍ୱିଜରଲାଣ୍ଡର୍ ଫେଡେରର୍ ୨୦୨୨ରେ ଟେନିସ୍‌ରୁ ସନ୍ନ୍ୟାସ ନେଇଥିଲେ।

ଏହି ଅବସରରେ ଫେଡେରର୍ ନିଜ କ୍ୟାରିୟର୍‌ର କେତେକ ବିରଳ ତଥ୍ୟ ବାଣ୍ଟିଥିଲେ। ୧୯୯୮ରେ ଏଟିପି ଟୁର୍‌ର ଆରମ୍ଭରୁ ୨୦୨୨ରେ ସନ୍ନ୍ୟାସ ନେବା ମଧ୍ୟରେ ସେ ୫ ହଜାରରୁ ଊର୍ଦ୍ଧ୍ୱ ହ୍ୟାଣ୍ଡ୍‌ବ୍ୟାଣ୍ଡ୍ ପିନ୍ଧିଥିଲେ ବୋଲି କହିଛନ୍ତି। ସେହିପରି ମ୍ୟାଚ୍ ବେଳେ ଦୁଇ ଦୁଇଟି ମୋଜା ପିନ୍ଧୁଥିଲେ ବୋଲି ସେ କହିଥିଲେ। ସେ ତାଙ୍କ କ୍ୟାରିୟରରେ ୭ ହଜାରରୁ ଊର୍ଦ୍ଧ୍ୱ ଯୋଡ଼ା ମୋଜା ବ୍ୟବହାର କରିଛନ୍ତି। ଫେଡେରର୍ ନିଜ ଟେନିସ୍ ଯାତ୍ରାକୁ ସ୍ମରଣ କରି କହିଛନ୍ତି, 'ଟେନିସ୍‌ରେ ଏହି ମାଇଲଖୁଣ୍ଟରେ ପହଞ୍ଚିବାର ଅନୁଭବକୁ ଶବ୍ଦରେ ବୟାନ କରିବା କିମ୍ବା କୌଣସି ମାନଦଣ୍ଡରେ ମାପିବା ଅସମ୍ଭବ। ମୋ ଯାତ୍ରା ବେସଲ୍‌ରେ ମାତ୍ର ୧୩ ବର୍ଷ ବୟସରେ ଏକ ଏଟିପି ଟୁର୍ ଟୁର୍ଣ୍ଣାମେଣ୍ଟ୍‌ରେ ବଲ୍ ବୟରୁ ଆରମ୍ଭ ହୋଇଥିଲା।'

ଫେଡେରର୍ ତାଙ୍କ କ୍ୟାରିୟର୍‌ରେ ୮ ୱିମ୍ବଲଡନ୍, ୬ ଅଷ୍ଟ୍ରେଲିଆ, ୫ ୟୁଏସ୍ ଏବଂ ଗୋଟିଏ ଫ୍ରେଞ୍ଚ୍ ଓପନ୍ ସମେତ ୨୦ ଗ୍ରାଣ୍ଡ୍ ସ୍ଲାମ୍ ଟାଇଟଲ୍ ଜିତିଛନ୍ତି। ଫେଡେରର୍ ୟୁଏସ୍ ଓପନ୍‌ରେ ୨୦୦୪ରୁ ୨୦୦୮ ପର୍ଯ୍ୟନ୍ତ ଲଗାତାର ୫ ଥର ପୁରୁଷ ସିଙ୍ଗଲ୍ସ ଟାଇଟଲ୍ ଜିତିଥିଲେ। ଓପନ୍ ଏରାରେ ଲଗାତାର ୫ ୟୁଏସ୍ ଓପନ୍ ଟାଇଟଲ୍ ଜିତିବାରେ ସେ ଏକମାତ୍ର ପୁରୁଷ ଖେଳାଳି। ୨୦୧୯ର ୟୁଏସ୍ ଓପନ୍‌ର କ୍ୱାର୍ଟର୍ ଫାଇନାଲ୍‌ରେ ତାଙ୍କୁ ଗ୍ରିଗୋର୍ ଦିମିତ୍ରୋଭ୍ ହରାଇଥିଲେ। ସେତେବେଳେ କୁହାଯାଉଥିବା ଯେ ଫେଡେରର୍ ଆଗକୁ ମଧ୍ୟ ନ୍ୟୁୟର୍କରେ ଏହି ଟୁର୍ଣ୍ଣାମେଣ୍ଟ୍ ଖେଳିବେ, ମାତ୍ର ସେପରି ହୋଇନାହିଁ। ୨୦୨୦ ୟୁଏସ୍ ଓପନ୍‌ରେ ସେ ଖେଳିନଥିଲେ ଏବଂ ୨୦୨୧ରେ ୱିମ୍ବଲଡନ୍ ତାଙ୍କର ଅନ୍ତିମ ଗ୍ରାଣ୍ଡ୍ ସ୍ଲାମ୍ ଥିଲା। ୨୦୨୨ରେ ସେ ପେସାଦାର ଟେନିସ୍‌ରୁ ସନ୍ନ୍ୟାସ ନେଇଥିଲେ।

# ପ୍ରଥମ ଥର ବୈଭବ ସିନିୟର୍ ଟିମ୍‌ର କ୍ୟାପ୍ଟେନ୍

ବେଙ୍ଗାଲୁରୁ,(ଏଜେନ୍ସି): ବେଙ୍ଗାଲୁରୁରେ ଖେଳାଯାଉଥିବା ଦୁଲୀପ୍ ଟ୍ରଫି ସେମିଫାଇନାଲ୍‌ରେ ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ପ୍ରଥମ ଥର କୌଣସି ସିନିୟର୍ ପୁରୁଷ ଟିମ୍‌ର ନେତୃତ୍ୱ ନେଇଛନ୍ତି। ସେଣ୍ଟ୍ରାଲ୍ ଜୋନ୍ ବିପକ୍ଷ ମ୍ୟାଚ୍‌ର ପ୍ରଥମ ଦିନ ନିୟମିତ କ୍ୟାପ୍ଟେନ୍ ଈଶାନ୍ କିଶନ୍ ଆହତ ହୋଇଥିଲେ। ଏହାପରେ ଭାଇସ୍ କ୍ୟାପ୍ଟେନ୍ ଥିବା ବୈଭବ ଏକ ଘଣ୍ଟା ଧରି ଟିମ୍‌ର ନେତୃତ୍ୱ ସମ୍ଭାଳିଥିଲେ। ଏହି ଅବସରରେ ସେ ଏକ ସଫଳ ଡିଆର୍‌ଏସ୍ ମଧ୍ୟ ନେଇଥିଲେ। ଏହା ତାଙ୍କ କ୍ୟାରିୟର୍‌ର କେବଳ ଦ୍ୱିତୀୟ ଦୁଲୀପ୍ ଟ୍ରଫି ମ୍ୟାଚ୍। ଏହା ପୂର୍ବରୁ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ସେ ଦୁଇଟି ୱିକେଟ୍ ମଧ୍ୟ ନେଇଥିଲେ।

ରବିବାର ୱିକେଟ୍‌କିପିଂ ବେଳେ ଈଶାନ୍‌ଙ୍କ ଡାହାଣ କଟିରେ ଆଘାତ ଲାଗିଥିଲା। ଫିଜିଓଙ୍କ ଯାଞ୍ଚ ପରେ ତାଙ୍କୁ ପଡ଼ିଆ ବାହାରକୁ ପଠାଯାଇଥିଲା। ତାଙ୍କ ଅନୁପସ୍ଥିତିରେ କୁମାର କୁଶାଗ୍ର ୱିକେଟ୍‌କିପିଂ କରିଥିଲେ। ଅବଶ୍ୟ ପରେ ଈଶାନ୍ ପଡ଼ିଆକୁ ଫେରିଥିଲେ, ତେବେ ୱିକେଟ୍‌କିପିଂ କରିନଥିଲେ।

## ସୋର ପୌରପାଳିକା କାର୍ଯ୍ୟାଳୟ, ସୋର, ବାଲେଶ୍ୱର

ପବିତ୍ର ସ୍ୱାୟତ୍ତ ଶାସନ ଦିବସ ୨୦୨୬ ଅବସରରେ ସୋର ପୌରପାଳିକା ତରଫରୁ ଶିକ୍ଷା, କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ର ମାଟି ସୋର ପୌରପାଳିକା ର ସମସ୍ତ ବୟୋଜ୍ୟେଷ୍ଠ ନାଗରିକ, ବୁଦ୍ଧିଜୀବୀ, ମହିଳା, ଛାତ୍ରଛାତ୍ରୀ, ସର୍ବୋପରି ସବୁ କ୍ଷେତ୍ରରେ ଦେଶ ଓ ରାଜ୍ୟ ପାଇଁ ଗର୍ବ ଆଣି ଦେଇଥିବା ଏହି ମାଟିର ଯଶସ୍ୱୀ ଯୋଦ୍ଧା ସୈନିକ, କ୍ରୀଡ଼ାବିତ୍, ଶିକ୍ଷାବିତ୍, ସାହିତ୍ୟିକ, ପ୍ରବନ୍ଧକ, ପ୍ରଶାସକ, ରାଜନୈତିକ ବ୍ୟକ୍ତିତ୍ୱ, ସମାଜସେବୀ ଆଦି ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହିତ ସୋର ମାଟିର ଆହୁରି ଉତ୍ତରୋତ୍ତର ସମୃଦ୍ଧି ସହିତ ଏକ ସ୍ୱଚ୍ଛ, ସବୁଜ ଓ ଶାନ୍ତ ସୋର ସହର ଗଠନ ପାଇଁ ଆପଣଙ୍କର ସହଯୋଗ ଏକାନ୍ତ କାମ୍ୟ।

କାର୍ଯ୍ୟନିର୍ବାହୀ ଅଧିକାରୀ
ସୋର ପୌରପାଳିକା

ଜିଲ୍ଲାପାଳ ବାଲେଶ୍ୱର ତଥା
ଭାରପ୍ରାପ୍ତ ଅଧ୍ୟକ୍ଷ, ସୋର
ପୌରପାଳିକା ସୋର
ଏବଂ ସମସ୍ତ ପରିଷଦ ବୃନ୍ଦ, ସୋର ପୌରପାଳିକା

13001/1685/2627
OIPR-13001/13166/1/26-27/0006

## ପୌର ପରିଷଦ କାର୍ଯ୍ୟାଳୟ, ଫୁଲବାଣୀ

ଫୁଲବାଣୀ ପୌର ପରିଷଦ ପ୍ରଗତିପଥେ ଆଗକୁ ବଢ଼େଇ ନେବା ପାଇଁ, ଆପଣମାନଙ୍କୁ ଅନୁରୋଧ କରାଯାଉଅଛି ଯେ, ଆପଣମାନେ
********

- ଫୁଲବାଣୀ ପୌରପରିଷଦ ପରିସୀମା ମଧ୍ୟରେ ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ପରିଷଦର ବିଧିବଦ୍ଧ ଅନୁମତି ନେଇ ନିର୍ମାଣ କରନ୍ତୁ।
- ରାସ୍ତା କଡ଼ର ନାଳ ଉପରେ ଉଠା ଦୋକାନ ବା କ୍ୟାବିନ ପକାଇ ଜବର ଦଖଲ କରନ୍ତୁ ନାହିଁ।
- ଅଳିଆ ଆବର୍ଜନା ଏଣେ ତେଣେ ନ ପକାଇ ପରିଷଦ ପକ୍ଷରୁ ଯୋଗାଇ ଦିଆଯାଇଥିବା ଗାଡ଼ିରେ ଦିଅନ୍ତୁ।
- ରାସ୍ତା ଏବଂ ଡ୍ରେନ ଉପରେ ନିର୍ମାଣାଧିନ ସାମଗ୍ରୀ ଯଥା ବାଲି, ଗୁଡ଼ି, ଇଟା, ମେଟାଲ ଇତ୍ୟାଦି ଜମା କରନ୍ତୁ ନାହିଁ।
- ଗାଈ ଗୋରୁ ଓ ଅନ୍ୟ ଗୃହ ପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ନ ଛାଡ଼ି ନିଜ ହେପାଯତରେ ରଖନ୍ତୁ।
- ଫୁଲବାଣୀ ପୌରପରିଷଦ ଦ୍ୱାରା ନିର୍ଦ୍ଧାରିତ ଟିକସ ସଠିକ ସମୟରେ ପଇଠ କରନ୍ତୁ।
- ସର୍ବସାଧାରଣ ରାସ୍ତା ଉପରେ କୌଣସି ସାର୍ବଜନୀନ ସ୍ଥାନରେ ବିନା ଅନୁମତିରେ ଖାଲ କରିବା କିମ୍ବା ତୋରଣ ନିର୍ମାଣ କାମରୁ ନିବୃତ ରୁହନ୍ତୁ।
- ଫୁଲବାଣୀ ପୌରପରିଷଦ ପରିସୀମା ମଧ୍ୟରେ କୌଣସି ସାଇନବୋର୍ଡ, ହୋର୍ଡିଂ ଇତ୍ୟାଦି ଲଗାଇବା ପୂର୍ବରୁ ପରିଷଦ ବିଧିବଦ୍ଧ ଅନୁମତି ନିଅନ୍ତୁ।
- ପ୍ରତେକ ଶନିବାର ଦିନ ଘରୁ ବାହାରୁ ଥିବା ଇଲେକଟ୍ରିକ ବର୍ଜ୍ୟବସ୍ତୁ ଏଣେ ତେଣେ ନ ପକାଇ ପରିଷଦ ପକ୍ଷରୁ ଯୋଗାଇ ଦିଆଯାଉଥିବା ଗାଡ଼ି ମାନଙ୍କରେ ଦିଅନ୍ତୁ।
- ଫୁଲବାଣୀ ପୌରପରିଷଦରେ ଫେକାଲ୍ ସ୍ଲେଜ୍ ମ୍ୟାନେଜମେଣ୍ଟର ଅପରେସନ୍ ମଡେଲ୍ ନିର୍ମାଣ ହୋଇଅଛି, ଯେଉଁଠି ସହରର ପରିମଳ ସଂଗ୍ରହ ହେବା ସେବା ସହ ପରିମଳକୁ ଖତ ରୂପେ ପରିବର୍ତ୍ତନ କରାଯାଉଅଛି।
- ଘରେ ରହି ପୌର ପରିଷଦର ବିଭିନ୍ନ ସେବା ଯଥା ନିର୍ମାଣ ଅନୁମତି ଅନୁମୋଦନ, ଜନସାଧାରଣ ଅଭିଯୋଗ ସମାଧାନ, ବାଣିଜ୍ୟ ଲାଇସେନ୍ସ ସମ୍ପତ୍ତି କର, ଜଳ ଏବଂ ଜଳ ନିଷ୍କାସନ ଏବଂ ବିବାହ ପଞ୍ଜୀକରଣ ସେବା ପାଇଁ ପାଇଁ https://sujog.odisha.gov.in ୱେବ୍‌ସାଇଟ୍ ଯାଇ ସେବା ନିଅନ୍ତୁ।

ଶ୍ରୀ ସମରେଶ ମହାନ୍ତି
ନିର୍ବାହୀ ଅଧିକାରୀ
ଫୁଲବାଣୀ ପୌରପରିଷଦ

ସମସ୍ତ ପାରିଷଦ ବୃନ୍ଦ
ଫୁଲବାଣୀ ପୌରପରିଷଦ

ଶ୍ରୀମତୀ ପାୟେଲ ବେହେରା
ଅଧ୍ୟକ୍ଷା
ଫୁଲବାଣୀ ପୌରପରିଷଦ

## ବ୍ରହ୍ମପୁର ମହାନଗର ନିଗମ

ସବୁଜ ସୁନ୍ଦର ବ୍ରହ୍ମପୁର ସହର ପାଇଁ ସର୍ବସାଧାରଣଙ୍କୁ ନିବେଦନ

**କରନ୍ତୁ**

(୧) ଆପଣଙ୍କ ଘର / ଅନୁଷ୍ଠାନର ଓଦା ବର୍ଜ୍ୟବସ୍ତୁକୁ ଯଥା:- ପରିବା ଚୋପା, ବାସି ଖାଦ୍ୟ ଇତ୍ୟାଦି ସାଗୁଆ ରଙ୍ଗର ଡଷ୍ଟବିନ୍‌ରେ ଏବଂ ଶୁଖିଲା ବର୍ଜ୍ୟବସ୍ତୁ ଯଥା:- କାଗଜ / ପ୍ଲାଷ୍ଟିକ୍ ଇତ୍ୟାଦିକୁ ନୀଳ ରଙ୍ଗର ଡଷ୍ଟବିନ୍‌ରେ ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ମହାନଗର ନିଗମ ଦ୍ୱାରା ନିୟୋଜିତ ଆବର୍ଜନା ସଂଗ୍ରହକାରୀ ଯାନରେ ପକାନ୍ତୁ।
(୨) ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଉପଭୋକ୍ତା ଦେୟ ସ୍ୱଚ୍ଛସାଥୀଙ୍କୁ ପ୍ରଦାନ କରନ୍ତୁ।
(୩) ବର୍ଜ୍ୟବସ୍ତୁ ଉତ୍ପାଦନକୁ କମ୍ କରନ୍ତୁ।
(୪) ସେପଟିକ୍ ଟ୍ୟାଙ୍କ ସହିତ ଶୌଚାଳୟକୁ ସଂଯୋଗ କରନ୍ତୁ ଏବଂ ଏହାକୁ ପ୍ରତି ତିନି ବର୍ଷରେ ଥରେ ସଫା କରନ୍ତୁ।
(୫) ଅତି କମ୍‌ରେ ନିଜର ୫ମିଟର ପରିସର ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ।

**କରନ୍ତୁ ନାହିଁ**

(୧) ଗୋଟିଏ ଡଷ୍ଟବିନ୍‌ରେ ଅଳିଆ ମିଶ୍ରଣ କରନ୍ତୁ ନାହିଁ।
(୨) ଘରୋଇ ପଚାସଢ଼ା ବର୍ଜ୍ୟବସ୍ତୁ ଏବଂ ଘରୋଇ ବର୍ଜ୍ୟବସ୍ତୁ ସହ ଅଦରକାରୀ ପଦାର୍ଥ ଯଥା:- କାଗଜ / ପ୍ଲାଷ୍ଟିକ୍ ଇତ୍ୟାଦି ମିଶ୍ରଣ କରନ୍ତୁ ନାହିଁ।
(୩) ବାଲକୋନି / ଝରକାରୁ ସର୍ବସାଧାରଣ ରାସ୍ତା କିମ୍ବା ଡ୍ରେନ୍‌କୁ ଅଳିଆ ପକାନ୍ତୁ ନାହିଁ।
(୪) ଶୌଚାଳୟକୁ ନର୍ଦ୍ଦମା ସହ ସଂଯୋଗ କରନ୍ତୁ ନାହିଁ।
(୫) ନିଜର ୫ମିଟର ପରିସର ପର୍ଯ୍ୟନ୍ତ ଅପରିଷ୍କାର କରନ୍ତୁ ନାହିଁ।
(୬) ପଲିଥିନ୍ ବ୍ୟାଗ୍, କପ୍, ପ୍ଲାଷ୍ଟିକ୍ ଚାମଚ, ଥରମୋକଲ ଇତ୍ୟାଦି ବ୍ୟବହାର କରନ୍ତୁ ନାହିଁ।
(୭) ଟାୟର, ଗମଲା, ଅନ୍ୟାନ୍ୟ ପାତ୍ର ଇତ୍ୟାଦିରେ ଦିନ ଦିନ ବ୍ୟାପି ପାଣି ଜମା ହେବାକୁ ଦିଅନ୍ତୁ ନାହିଁ।

ଶ୍ରୀ ସମୀର କୁମାର ଜେନା
କମିଶନର
ବ୍ରହ୍ମପୁର ମହାନଗର ନିଗମ

ଶ୍ରୀ ଇ.ବିବେକ୍ ରେଡ୍ଡୀ
ଡେପୁଟି ମେୟର
ବ୍ରହ୍ମପୁର ମହାନଗର ନିଗମ

ଶ୍ରୀମତୀ ସଂଘମିତ୍ରା ଦଳେଇ
ମେୟର
ବ୍ରହ୍ମପୁର ମହାନଗର ନିଗମ

ଓ ସମସ୍ତ କର୍ପୋରେଟର ବୃନ୍ଦ, ବ୍ରହ୍ମପୁର ମହାନଗର ନିଗମ

ଜାତୀୟ ଚେତନା
JATIYA CHETANA



# ହିଂସା, ବିଶ୍ୱାସଘାତକତା ଓ ସାମ୍ରାଜ୍ୟର ଆଖ୍ୟାନ: 'ଟକ୍ସିକ'

ଗୋଆର କାଳ୍ପନିକ ତଥା ରକ୍ତାକ୍ତ ଅପରାଧ ଦୁନିଆର ପୃଷ୍ଠଭୂମିରେ କାହାଣୀ ଆରମ୍ଭ ହୁଏ। ରାୟା ନାମକ ଜଣେ ଅତ୍ୟନ୍ତ ଚାଲାକ୍, ନିର୍ଦ୍ଦୟ ଏବଂ ଶକ୍ତିଶାଳୀ ବ୍ୟକ୍ତି ନିଜ ବାହୁବଳ, ଷଡ଼ଯନ୍ତ୍ର ଓ ହିଂସା ବଳରେ ସାରା ସହରର ବେଆଇନ କାରବାରକୁ ନିଜ ନିୟନ୍ତ୍ରଣକୁ ଆଣେ। ଅପରାଧିଜଗତର ଏକଛାତ୍ର ସାମ୍ରାଜ୍ୟ ଗଢ଼ିବା ପାଇଁ ସେ କୌଣସି ସୀମା ଅତିକ୍ରମ କରିବାକୁ ପଛାଏ ନାହିଁ। ତା'ର ଏହି ବିଶାଳ ସାମ୍ରାଜ୍ୟ ଆଗରେ ସମସ୍ତ ବିରୋଧୀ ଶକ୍ତି ନତମସ୍ତକ ହେବାକୁ ବାଧ ହୁଅନ୍ତି।

ଏହି ରକ୍ତାକ୍ତ ସାମ୍ରାଜ୍ୟ ଓ ହିଂସାତ୍ମକ ବାତାବରଣ ଭିତରେ କାହାଣୀର ସବୁଠାରୁ ଭାବପୂର୍ଣ୍ଣ ଆତ୍ମା ହେଉଛି ରାୟା ଏବଂ ତା'ର ପ୍ରିୟ ଭଉଣୀ ଗଙ୍ଗା ମଧ୍ୟରେ ଥିବା ନିବିଡ଼ ସମ୍ପର୍କ। ଗଙ୍ଗା ରାୟାର କଳା ଦୁନିଆଠାରୁ ବହୁ ଦୂରରେ ଥାଏ, କିନ୍ତୁ ସେ ହିଁ ଏକମାତ୍ର ବ୍ୟକ୍ତି ଯିଏ ରାୟାର କୋରଡ଼ା ଭଳି କଠୋର ହୃଦୟକୁ ପରିବର୍ତ୍ତିତ କରିବାର ସାମର୍ଥ୍ୟ ରଖେ। ସାମ୍ରାଜ୍ୟର ସୁରକ୍ଷା ଏବଂ ଭଉଣୀ ପ୍ରତି ଥିବା ନିଷ୍ଠାପ୍ରେମ ଭିତରେ ରାୟାର ଦ୍ୱନ୍ଦ୍ୱ ସାରା କାହାଣୀକୁ ଆଗକୁ ନେଇଯାଏ।

ରାୟାର ଏହି ଅପରାଧିକ ସାମ୍ରାଜ୍ୟ ଏବଂ ଜୀବନରେ ଏକ ସଙ୍କଟପୂର୍ଣ୍ଣ ମୋଡ଼ ଆସେ, ଯେତେବେଳେ ତା' ବିରୁଦ୍ଧରେ ସହରର ଅନ୍ୟ ସମସ୍ତ ଗ୍ୟାଙ୍ଗଷ୍ଟର ଏବଂ ଶକ୍ତିଶାଳୀ ନାରୀମାନେ ଏକାଠି ହୋଇ ବିଶ୍ୱାସଘାତକତାର ଜାଲ ବିଛାନ୍ତି। ନିଜ ପ୍ରଭୁତ୍ୱ ଓ ଭଉଣୀର ସୁରକ୍ଷା ପାଇଁ ରାୟା ପ୍ରତ୍ୟେକ ଶତ୍ରୁର ମୁକାବିଲା କରିବାକୁ ବାହାରେ, ଯାହା ଗୋଆର ଗଳିକନ୍ଦିରେ ଭୟଙ୍କର ସଂଘର୍ଷ ସୃଷ୍ଟି କରେ। ହିଂସା, ପ୍ରତିଶୋଧ, ଏବଂ ବିଶ୍ୱାସଘାତକତାର ନିଆଁ ଭିତରେ ରାୟା ନିଜ ଅପରାଧ ସାମ୍ରାଜ୍ୟକୁ ବଞ୍ଚାଇବାକୁ ଗୋଟିଏ ପରେ ଗୋଟିଏ ନିଷ୍ପତ୍ତି ନିଏ।

ଏହି ବିଶାଳ ଅପରାଧି ଗାଥା ଶେଷରେ ଏକ ମାର୍ମିକ ଏବଂ ଚିତ୍ତାକର୍ଷକ ସ୍ଥାନରେ ପହଞ୍ଚେ, ଯେଉଁଠି ରାୟା ନିଜ ସାମ୍ରାଜ୍ୟର ଚରମ ସୀମାରେ ଛିଡ଼ାହୋଇ ବୁଝିପାରେ ଯେ କ୍ଷମତା ଓ ହିଂସାର ଶେଷ ପରିଣାମ ଅତ୍ୟନ୍ତ ଭୟାନକ। ତା'ର ଶକ୍ତିଶାଳୀ ବ୍ୟକ୍ତିତ୍ୱ, ନିଜ ଭଉଣୀ ସହ ଅଲୌକିକ ବନ୍ଧନ, ଏବଂ ଅପରାଧ ଦୁନିଆର ଶ୍ରେଷ୍ଠତାର ସଂଘର୍ଷକୁ ନେଇ ଗଢ଼ାଯାଇଥିବା ଏହି ଭାବପୂର୍ଣ୍ଣ କାହାଣୀ ସମାପ୍ତ ହୁଏ ।




# ସତ୍ୟ, ଭକ୍ତି ଓ ସୃଜନଶୀଳତାର ମହାବିଜୟ: 'ମହାପ୍ରଭୁ ଜଗନ୍ନାଥ'

ରଥଯାତ୍ରାର ପବିତ୍ର ଶ୍ରାବଣ ସନ୍ଧ୍ୟାରେ ପୁରୀ ବଡ଼ଦାଣ୍ଡରେ ଜନସମୁଦ୍ର। ଚତୁର୍ଦ୍ଧାମୂର୍ତ୍ତିଙ୍କ ଗୋପାଳଲୀଳା, ଦାରୁବ୍ରହ୍ମ ସଂସ୍କୃତି ଏବଂ ମହାପ୍ରଭୁଙ୍କ ନବକଳେବରର ଅଲୌକିକ ମାହାତ୍ମ୍ୟକୁ ନେଇ କାହାଣୀ ଆଗକୁ ବଢ଼େ । କାହାଣୀର କେନ୍ଦ୍ରବିନ୍ଦୁ ହେଉଛନ୍ତି ଜଣେ ନିଷ୍ଠାପର ଶିଳ୍ପୀ ଏବଂ ତାଙ୍କର ନିରୀହ ନାତି, ଯିଏ ଶ୍ରୀଜଗନ୍ନାଥଙ୍କ ପ୍ରେମ ଓ ଭକ୍ତିରେ ସମ୍ପୂର୍ଣ୍ଣ ସମର୍ପିତ।

ସେମାନଙ୍କର ଶାନ୍ତ ଗ୍ରାମୀଣ ଜୀବନ ଓ ପ୍ରଭୁଙ୍କ ପ୍ରତି ଥିବା ନିଷ୍ଠାପ୍ରେମ ଭିତରେ ହଠାତ୍ ପ୍ରତିବନ୍ଧକ ହୋଇ ଛିଡ଼ାହୁଏ ସମାଜର କିଛି ଭ୍ରାନ୍ତ ଧାରଣା ଏବଂ ବିରୋଧ। କିଛି ଲୋକ ମହାପ୍ରଭୁଙ୍କ ଭକ୍ତିଗାଥାକୁ ଭୁଲ୍ ଭାବରେ ଗ୍ରହଣ କରି ସେମାନଙ୍କ କାର୍ଯ୍ୟକୁ ବ୍ୟାନ୍ କରିବାକୁ ଚେଷ୍ଟା କରନ୍ତି। ସେମାନଙ୍କର ବିଶ୍ୱାସ ଓ କଳା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୁଏ, ଆଉ ମାମଲା ଶେଷରେ ରାଜ୍ୟର ନ୍ୟାୟାଳୟରୁ ଯାଇ ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ପହଞ୍ଚେ।




ଏହି ବିଚାରାଧୀନ ସମୟରେ, ଗୋଟିଏ ପଟେ କୋର୍ଟରେ ଆଇନଗତ ତର୍କ ସାଙ୍ଗକୁ ଅନ୍ୟପଟେ ଭକ୍ତର ଅସହାୟତା ପ୍ରକାଶ ପାଏ। ନାତିଟିର ପ୍ରଭୁଙ୍କ ପ୍ରତି ଥିବା ବିଶ୍ୱାସ ଆହୁରି ଗଭୀର ହୁଏ। ସେ ବିଶ୍ୱାସ କରେ ଯେ ଯେଉଁ ଜଗନ୍ନାଥ ନିଜେ ସାରା ଜଗତର ନାଥ, ତାଙ୍କର ସତ୍ୟ ଓ ଭକ୍ତି କେବେ ହାରିପାରିବ ନାହିଁ। ସୁପ୍ରିମକୋର୍ଟ ସୃଜନଶୀଳତା, କଳା ଏବଂ ସତ୍ୟର ପକ୍ଷ ନେଇ ଫିଲ୍ମ ଉପରୁ ସମସ୍ତ କଟକଣା ହଟାଇ ଦିଅନ୍ତି।

ସର୍ବୋଚ୍ଚ ନ୍ୟାୟାଳୟଙ୍କ ସବୁଜ ସଙ୍କେତ ପରେ, ସେହି ବହୁ ପ୍ରତୀକ୍ଷିତ ଶୁକ୍ରବାର ଅର୍ଥାତ୍ ସେପ୍ଟେମ୍ବର ଚାରି ତାରିଖରେ ମହାପ୍ରଭୁଙ୍କ ମହାନ ଆନିମେଟେଡ୍ ଦୃଶ୍ୟ ସିନେମାଘରେ ମୁକ୍ତିଲାଭ କରେ। କେବଳ ଓଡ଼ିଆ ନୁହେଁ, ବରଂ ହିନ୍ଦୀ ଏବଂ ତେଲୁଗୁ ଭାଷାରେ ବିଶ୍ୱର କୋଣ ଅନୁକୋଣରେ ଏହା ରିଲିଜ୍ ହୁଏ।

ଶ୍ରୀପଦ୍ ୱାର୍କେଡକରଙ୍କ ନିର୍ଦ୍ଦେଶନା, ପଲ୍ଲବୀ ଶର୍ମାଙ୍କ ସଂଳାପ, ଅବୀରଳ କୁମାରଙ୍କ ମ୍ୟୁଜିକାଲ୍ ସ୍କୋର ଏବଂ ଦୁର୍ଗା ପ୍ରସାଦ ଦଲାଇଙ୍କ ପ୍ରଯୋଜନାରେ ନିର୍ମିତ ଏହି କାହାଣୀ ପରଦାରେ ଆସିବା ମାତ୍ରେ ସବୁ ବାଦବିବାଦର ଅନ୍ତ ଘଟେ। ଯେଉଁମାନେ ବିରୋଧ କରୁଥିଲେ, ସେମାନେ ମଧ୍ୟ ପ୍ରେକ୍ଷାଳୟରେ ନିଜ ଆଖିରୁ ଲୁହ ପୋଛି ମହାପ୍ରଭୁଙ୍କ ଭକ୍ତି ଓ ଆନିମେସନର ଏହି ଅଦ୍ଭୁତ ମିଳନକୁ ପ୍ରଶଂସା କରନ୍ତି। ସେହି ବିଶାଳ ପରଦାରେ ଆଧ୍ୟାତ୍ମିକତା ଏବଂ ଆଧୁନିକ କଳାର ଏକ ଶ୍ରେଷ୍ଠ ବିଜୟ ହୁଏ, ଯାହା ଶତାବ୍ଦୀ ଶତାବ୍ଦୀ ଧରି ଜଗନ୍ନାଥ ସଂସ୍କୃତିର ଜୟଗାନ କରିଚାଲେ।


# ପୌର ପରିଷଦ ପାରଳାଖେମୁଣ୍ଡି

## ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ-୨୦୨୬

### ଆମର ନିବେଦନ:

୧. ଘର ଟିକସ ଠିକ୍ ସମୟରେ ପୈଠ କରନ୍ତୁ।
୨. ରାସ୍ତା ଓ ନାଳକୁ ବେଆଇନ୍ ଭାବେ ଦଖଲ କରି ଗମନାଗମନରେ ଅବରୋଧ ସୃଷ୍ଟି କରନ୍ତୁ ନାହିଁ।
୩. ଦୋକାନ ଲାଇସେନ୍ସ ଫି' ଠିକ୍ ସମୟରେ ପୈଠ କରନ୍ତୁ।
୪. ଗୃହରୁ ବାହାରୁଥିବା ଅଳିଆ ଆବର୍ଜନା ନାଳରେ ନ ପକାଇ, ତାହାକୁ ଅଲଗା ଅଲଗା କରି ପୌରପରିଷଦର ଅଳିଆ ସଂଗ୍ରହକାରୀଙ୍କୁ ପ୍ରଦାନ କରନ୍ତୁ।
୫. ଗୃହପାଳିତ ପଶୁ ଯଥା ଗାଈଗୋରୁ, ଘୁଷୁରି, କୁକୁରଗୁଡ଼ିକୁ ସହର ମଧରାସ୍ତାକୁ ଛାଡ଼ନ୍ତୁ ନାହିଁ।
୬. ବାହାରେ ମଳତ୍ୟାଗ ନ କରି ନିଜ ଘରେ ନିର୍ମାଣ କରିଥିବା ପାଇଖାନା କିମ୍ବା ଗୋଷ୍ଠୀ ଶୌଚାଳୟ ବ୍ୟବହାର କରନ୍ତୁ।
୭. ପାରଳା ପୌରପରିଷଦକୁ ସବୁଜ ଓ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ।
୮. ପଲିଥିନ୍ ମୁକ୍ତ ପାରଳା ସହର ଗଠନ କରିବାରେ ଆମକୁ ସହାୟତା କରନ୍ତୁ।
୯. ନିଜ ପାଇଖାନା ଟାଙ୍କିରୁ ନିର୍ଗତ ମଳକୁ ଏଣେତେଣେ ନ ପକାଇ, ପରିଷଦ ଦ୍ୱାରା ଯୋଗାଇ ଦିଆଯାଉଥିବା ସେସପୁଲ୍ ମାଧ୍ୟମରେ ସଫା କରି ନିର୍ଦ୍ଧାରିତ ସ୍ଥାନରେ ପକାନ୍ତୁ।



ଶ୍ରୀମତୀ ନିର୍ମଳା ସେଠୀ
ପୌରାଧ୍ୟକ୍ଷା
ପାରଳାଖେମୁଣ୍ଡି ପୌର ପରିଷଦ



ଶ୍ରୀ ଲେଙ୍କା ମଧୁ
ଉପାଧ୍ୟକ୍ଷ
ପାରଳାଖେମୁଣ୍ଡି ପୌର ପରିଷଦ


Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ